**ନିଯୁକ୍ତି ପାଇଲେ ୬ ପ୍ରାଣୀ ଚିକିତ୍ସକ**

ଭଦ୍ରକ,(ସନାତନ ରାଉତ): ଭଦ୍ରକ ଜିଲାର ବିଭିନ୍ନ ବ୍ଲକରେ ୬ଜଣ ପ୍ରାଣୀ ଚିକିତ୍ସକଙ୍କୁ ନିଯୁକ୍ତି ମିଳିଛି। ବନ୍ତ ବ୍ଲକରେ ଡା. ଅନୁଶ୍ରୀ ଓ ଡା. ମୋନାଲିସା ପ୍ରଧାନ, ଭଦ୍ରକ ବ୍ଲକରେ ଡା. ପ୍ରଭୁକଲ୍ୟାଣ ପାଣି ଓ ଡା. ଅଭିପ୍ସା ମିଶ୍ର, ଧାମନଗର ବ୍ଲକ ଧୂଷୁରୀ ପ୍ରାଣୀ ଚିକିତ୍ସାକେନ୍ଦ୍ରରେ ଡା. ଶଶିଭୂଷଣ ରାଉତ ଓ ଚାନ୍ଦବାଲି ବ୍ଲକ ମତେ ପ୍ରାଣୀ ଚିକିତ୍ସାକେନ୍ଦ୍ରରେ ଡା. ଜେ ଏ ଭବାନୀଶଙ୍କର ନିଯୁକ୍ତ ହୋଇଛନ୍ତି। ଦୀର୍ଘଦିନ ଧରି ଏହିସବୁ ଚିକିତ୍ସାକେନ୍ଦ୍ରରେ ଚିକିତ୍ସକ ପଦବୀ ଖାଲି ପଡ଼ିଥିଲା।



# ପୁଣି ଏକଜୁଟ ହେଲେ ଖଇରାବାସୀ

**ଖଇରା,୨/୭(ଉତ୍କଳବନ୍ଧୁ ପଣ୍ଡା)**

■ ସୌମ୍ୟଙ୍କ ପରିବାରକୁ ନ୍ୟାୟ ଦାବି

■ ବିଦ୍ୟାଭାରତୀ, ଡିଏଫ୍ଓ ଏବଂ ରୋଷେୟାଙ୍କୁ ଗିରଫ କରାଯାଉ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁକୁ ପାଖାପାଖି ୨ବର୍ଷ ବିତିସାରିଥିବା ବେଳେ ଏବେ କୋର୍ଟ ଆଦେଶକୁ ନେଇ ସୌମ୍ୟଙ୍କ ପରିବାର ଓ ଖଇରାର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ମଧ୍ୟରେ ନୂଆ ଆଶା ସଞ୍ଚାର ହୋଇଛି। ସୌମ୍ୟଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ପୁଣିଥରେ ଖଇରାର ସମସ୍ତ ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ,ବୁଦ୍ଧିଜିବୀ,ଶିକ୍ଷାବିତ ଏକଜୁଟ ହୋଇଛନ୍ତି। ପୋଡ଼ିମାରିବା ଘଟଣା ପଛରେ ସାମିଲ ଥିବା ନେଇ ଅଭିଯୋଗ କରାଯାଇଥିବା ତଥା ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିବା ସୌମ୍ୟଙ୍କ ସ୍ତ୍ରୀ ବିଦ୍ୟାଭାରତୀ ପଣ୍ଡା, ତତ୍କାଳିନ ଡିଏଫଓ ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କୁ ଯଥାଶିଘ୍ର ଗିରଫ କରିବାକୁ ରବିବାର ଖଇରାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଙ୍ଗଠନର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଏନେଇ ସେମାନେ ଗୃହବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ, ଗୃହସଚିବ, ସ୍ଥାନୀୟ ବିଧାୟକଙ୍କ ନିକଟରେ ଦାବି କରିଛନ୍ତି।

ପାରଳାଖେମୁଣ୍ଡିରେ ଏସିଏଫ୍ ଭାବେ କାର୍ଯ୍ୟରତ ବାଲେଶ୍ୱର ଜିଲା ଖଇରା ବ୍ଲକ ନୟାଖଣ୍ଡି ପଞ୍ଚାୟତ ଅଧୀନ ବେଗୁନିଆ ଗ୍ରାମର ସୌମ୍ୟରଞ୍ଜନ ମହାପାତ୍ର ୨୦୨୧ ଜୁଲାଇ ୧୨ରାତିରେ ପୋଡ଼ିଯାଇଥିବା ବେଳେ ତାଙ୍କୁ ତାଙ୍କ ସରକାରୀ ବାସଭବନରୁ ଉଦ୍ଧାର କରାଯାଇ ପ୍ରଥମେ ପାରଳାଖେମୁଣ୍ଡି ଓ ପରେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାପାଇଁ ଭର୍ତ୍ତି କରାଯାଇଥିଲା। ଶରୀରର ୯୦ପ୍ରତିଶତ ପୋଡ଼ିଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏହା ଏକ ସୁପରିକଳ୍ପିତ ହତ୍ୟା ଘଟଣା ।ଏହି ହତ୍ୟା ପଛରେ ସ୍ତ୍ରୀ ,ଡିଏଫଓ ଓ ରୋଷେୟାତଥା ତତକାଳିନ ଜଙ୍ଗଲମନ୍ତ୍ରୀ ବିକ୍ରମକେଶରୀ ଆରୁଖଙ୍କ ସଂପୃକ୍ତି ଥିବା ନେଇ ପରିବାର ତରଫରୁ ଥାନାରେ ଅଭିଯୋଗ କରାଯାଇଥିଲା। ପ୍ରଥମେ ପୋଲିସ ଓ ପରେ କ୍ରାଇମବ୍ରାଞ୍ଚ କ୍ଲିନଚିଟ ଦେବାପରେ ସୌମ୍ୟଙ୍କ ବାପା ଏଥିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ସିବିଆଇ ତଦନ୍ତ ମଧ ଦାବି କରିଥିଲେ। ଅକ୍ଟୋବର ୨୨ରେ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟର ଆଶ୍ରୟ ହେବାପରେ କୋର୍ଟବିଦ୍ୟାଭାରତୀ, ଡିଏଫଓ ଓ ରୋଷେୟାଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସେମାନେ ଅନୁପସ୍ଥିତ ରହିବା କାରଣରୁ ସେମାନଙ୍କ ନାମରେ ଜୁନ ୨୮ତାରିଖରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ସେମାନଙ୍କୁ ଗିରଫ କରିବା ପାଇଁ ପୋଲିସ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ବେଳେ ତୁରନ୍ତ ଗିରଫ କରିବାକୁ ସ୍ଥାନୀୟ ସଂଗଠନ ଜନଜାଗରଣ ମଞ୍ଚ, ପ୍ରତିଭା ପରିବାର, ଲିଗାଲ ଫୋରମ, ଖଇରା ସାହିତ୍ୟ ସଂସଦ, ବରିଷ୍ଠ ନାଗରିକ ମଞ୍ଚ, ମୁକୁନ୍ଦ ପ୍ରସାଦ ଫାଉଣ୍ଡେସନ ଇତ୍ୟାଦି ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି । ଉକ୍ତ ଖବରଦାତା ସମ୍ମିଳନୀରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଉମେଶ ଚନ୍ଦ୍ର ନାୟକ, ଠାକୁର ରଞ୍ଜିତ ଦାସ, ନିରଞ୍ଜନ ବେହେରା, ମାନସ ରଞ୍ଜନ ମହାପାତ୍ର, ଚିନ୍ତାମଣି ସାହାଣି, ଅଜୟ କୁମାର ବେହେରା, ମାୟାଧର କୁଅଁର, ଜିତେନ୍ଦ୍ର ମହାନ୍ତି, ଉପେନ୍ଦ୍ର ପ୍ରସାଦ ଭୂୟାଁ, ଜନ୍ମେଜୟ ଶତପଥୀ,ଶୀତିକଣ୍ଠ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

balasoreselfie@gmail.com


@ ରାଜା


@ ଶିବୁ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ୧୧୦ ଗ୍ରାମ୍ ବ୍ରାଉନସୁଗାର ଜବତ

**ବାହାନଗା,୨/୭(ଅରୂପ୍ କୁମାର ଦାସ):** ବାହାନଗା ରେଲଷ୍ଟେଶନ ନିକଟସ୍ଥ କମାରିପୁର ଗ୍ରାମ ନିକଟରୁ ଅବକାରୀ ବିଭାଗ ୧୧୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ରତ୍ନାକର ସାହୁଙ୍କ ପୁଅ କାର୍ତ୍ତିକ। ଜବତ ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୧୧ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ କହିଛି। ବାଲେଶ୍ୱର ଜିଲା ଅବକାରୀ ଅଧୀକ୍ଷକ ସୁଶାନ୍ତ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ନୀରିକ୍ଷକ ଗାଲୁରାମ ସୋରେନଙ୍କ ତତ୍ତ୍ୱାବଧାନରେ ଏକ ୧୨ ଜଣିଆ ଟିମ୍ ଗଠନ କରାଯାଇ ରେଳ ଷ୍ଟେଶନ ନିକଟ କମାରିପୁର ଗ୍ରାମରେ ଚଢ଼ାଉ କରାଯାଇଥିଲା। ଏ ସଂକ୍ରାନ୍ତରେ ଗୋପାଳପୁର ଅବକାରୀ ଥାନାରେ ଏକ ମାମଲା(ନଂ.୫୪/୨୩) ରୁଜୁ ହୋଇଛି। ଏହି ଚଢ଼ାଉରେ ଅବକାରୀ ବିଭାଗର ଭକ୍ତଚରଣ ସ୍ୱାଇଁ,ଗୋପାଳପୁର ଅବକାରୀ ଥାନା ଅଧିକାରୀ ସତ୍ୟ ସୁନ୍ଦର ମଲିକ, ପ୍ରଜ୍ଞାପ୍ରିୟା ନାୟକ, ଧୃରେନ୍ଦ୍ର ସିଂ, ଦୁର୍ଯ୍ୟୋଧନ ବେହେରା, ସନ୍ତୋଷ ବେହେରା, କାଜଲ ପ୍ରିୟଦର୍ଶନୀ, ରଶ୍ମୀରେଖା ପାତ୍ର, ବିଦ୍ୟାଧର ବିନ୍ଧାଣି ପ୍ରମୁଖ ସାମିଲ ଥିଲେ।

## ଜନସମ୍ପର୍କ ପଦଯାତ୍ରା ବେଳେ ବିଧାୟକଙ୍କୁ ଘେରିଲେ

**ପଞ୍ଚାୟତକୁ ଅଣଦେଖା ନେଇ ଅଭିଯୋଗ ଆଣିଲେ ସରପଞ୍ଚଙ୍କ ସମେତ ଭାଜପା କର୍ମୀ**

**ବୈଶିଙ୍ଗା,୨/୭(ରତନ ଦାଶ)**


ରଘୁପୁର ପଞ୍ଚାୟତରେ ବିଧାୟକ ସନାତନ ବିଜୁଳିଙ୍କୁ ବିରୋଧ କରାଯାଉଛି।

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ରଘୁପୁର ପଞ୍ଚାୟତରେ ରବିବାର ବିଧାୟକ ସନାତନ ବିଜୁଳିଙ୍କ ନେତୃତ୍ୱରେ ଭାଜପାର ଜନସମ୍ପର୍କ ପଦଯାତ୍ରା କରାଯାଇଥିଲା। ରଘୁପୁର ସରପଞ୍ଚ ବତୀ ସିଂଙ୍କ ସମେତ କେତେଜଣ ଭାଜପା କର୍ମୀ ଏହି ପଦଯାତ୍ରାକୁ ବିରୋଧ କରିଥିବା ଦେଖିବାକୁ ମିଳିଛି। ବିଧାୟକ ରଘୁପୁର ପଞ୍ଚାୟତକୁ ଅଣଦେଖା କରିଥିବା ସେମାନେ ଅଭିଯୋଗ ଆଣିଥିଲେ। ଏହାସହ ବିଧାୟକ ସେମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରି ନ ଥିବା କର୍ମୀମାନେ ପ୍ରକାଶ କରିବା ସହ ଅସନ୍ତୋଷ ଜାହିର କରିଥିଲେ। ଏପରିକି ଦଳର ଜନସମ୍ପର୍କ ପଦଯାତ୍ରା ନେଇ ପଞ୍ଚାୟତର ଭାଜପା ସଭାପତି ପିରୁ ସୋରେନ, ବେତନଟୀ ବ୍ଲକ ୩୭ ନଂ. ଜୋନ୍‌ର ସାଧାରଣ ସମ୍ପାଦକ ଚନ୍ଦ୍ରହାସ୍ୟ ପାଣିଗ୍ରାହୀ ଏବଂ ଭାଜପା ସମର୍ଥିତ ସରପଞ୍ଚ ସିଂ ଅବଗତ ନ ଥିବା କହିଛନ୍ତି।

ଉକ୍ତ ଘଟଣାକୁ କେନ୍ଦ୍ରକରି ବିଧାୟକଙ୍କ ସପକ୍ଷ ଗୋଷ୍ଠୀ ଓ ଅସନ୍ତୁଷ୍ଟ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ପରେ ବିଧାୟକ ଏ ବାବଦରେ ବୈଶିଙ୍ଗା ଥାନାକୁ ସୂଚନା ଦେଇଥିଲେ। ବୈଶିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ଜଣଙ୍କୁ ଥାନାକୁ ନେଇ ପ୍ରାୟ ୫ ଘଣ୍ଟା ଅଟକ ରଖି ପରେ ଛାଡ଼ି ଦେଇଥିଲା। ତେବେ ଆଗକୁ ନିର୍ବାଚନ ଥିବାରୁ ଦଳୀୟ କନ୍ଦଳ ମାମଲା ଯାଇ ଥାନାରେ ପହଞ୍ଚିବାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ନିନ୍ଦା କରିଛନ୍ତି।

## ରାସ୍ତା କାମ ତଦାରଖ କଲା ଭାଜପା ପ୍ରତିନିଧି ମଣ୍ଡଳୀ

**ରାଇବଣିଆ,୨/୭(ନବୀନ ସାହୁ)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ସରସିଦା–ଚିତ୍ତମିଶ୍ରା ଭାୟା କେଶପୁରା ଦେଇ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ଚାଲିଛି। ରାସ୍ତାରେ ପୋଲ ନିର୍ମାଣ ହେଉଥିବା ସ୍ଥଳେ ଅସ୍ଥାୟୀ ରାସ୍ତାର ମରାମତି ହୋଇ ନ ଥିବାରୁ ଲଘୁଚାପ ଜନିତ ବର୍ଷା ଯୋଗୁ ସ୍ଥାନୀୟ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏନେଇ ଅସନ୍ତୋଷ ଦେଖାଦେବାରୁ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ କ୍ରମେ ଭାଜପା ଜଳେଶ୍ୱରର ଏକ ପ୍ରତିନିଧି ମଣ୍ଡଳୀ ଉକ୍ତ ରାସ୍ତା କାର୍ଯ୍ୟ ତଦାରଖ କରିବା ସହ ଅସ୍ଥାୟୀ ରାସ୍ତାକୁ ମଧ ପରିଦର୍ଶନ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ଓ ଠିକାଦାରଙ୍କ ଉପସ୍ଥିତିରେ ସ୍ଥାନୀୟ ପାଇକାସିଦା, ସରସିଦା ପ୍ରଭୃତି ଗ୍ରାମବାସୀଙ୍କ ଯିବା ଆସିବା ସୁବିଧା ପାଇଁ ତୁରନ୍ତ ଅସ୍ଥାୟୀ ରାସ୍ତାର ମରାମତି ଲାଗି ଭାଜପା ପ୍ରତିନିଧି ମଣ୍ଡଳୀ ପରାମର୍ଶ ଦେଇଥିଲେ। ଠିକାଦାର ସୁବ୍ରତ ପଣ୍ଡା ଉକ୍ତ ଅସ୍ଥାୟୀ ରାସ୍ତା ୨୪ ଘଣ୍ଟା ମଧ୍ୟରେ ମରାମତି ହୋଇଯିବ ବୋଲି ଆଶ୍ୱାସନା ଦେଇଥିଲେ। ଉକ୍ତ ପ୍ରତିନିଧିମଣ୍ଡଳୀରେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ନଗର ସଭାପତି ତଥା ପୌର ଏମ୍‌ପି ପ୍ରତିନିଧି ଫାଲଗୁନୀ ପାଣିଗ୍ରାହୀ, ଜିଲା ଉପ–ସଭାପତି ପ୍ରବୀର ପ୍ରଧାନ, ଯୁବନେତା ସିଦ୍ଧାର୍ଥ ଶଙ୍କର ପାଲ, ବିଜୟ ସାମଲ, ପୂର୍ବତନ ସରପଞ୍ଚ ରମାନାଥ ଗିରିଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବୈତରଣୀ ନଦୀବନ୍ଧରୁ ଧସିଲା ପଥର ପ୍ୟାକିଂ


ସାଠିବାଙ୍କୁଡ଼ା ନିକଟରେ ପଥର ପ୍ୟାକିଂ ଧସିଯାଇଛି।

**ଆରଡ଼ି, ୨/୭ (ଦୀପ୍ତି ରଞ୍ଜନ ନାୟକ)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ସାଠିବାଙ୍କୁଡ଼ା ନିକଟରେ ବୈତରଣୀ ନଦୀବନ୍ଧରେ କାମ ଚାଲୁ ରହିଥିବା ବେଳେ ରବିବାର ପ୍ରାୟ ୫୦ ଫୁଟ୍ ପଥରପ୍ୟାକିଂ ନଦୀଗର୍ଭକୁ ଧସିଯାଇଛି। ବର୍ଷା ପୂର୍ବରୁ ନଦୀବନ୍ଧ ଧସିଥିବାରୁ ସ୍ଥାନୀୟ ଅଧିବାସୀ ଭୟଭୀତ ହୋଇପଡ଼ିଛନ୍ତି।

ନଦୀରୁ ବର୍ଷ ସାରା ବେଆଇନ ବାଲି ଉଠାଣ ଯୋଗୁ ନଦୀବନ୍ଧକୁ କଟାଯାଇ ଟ୍ରାକ୍ଟର ଓ ଜେସିବି ଆଦି ଦ୍ୱାରା ବାଲି ଚାଲାଣ କରାଯାଇଥାଏ। ଫଳରେ ନଦୀବନ୍ଧ ଅସୁରକ୍ଷିତ ହେବା ସହ ପଥରପ୍ୟାକିଂ ଦବିବା କିମ୍ବା ଧସିବା ସ୍ୱାଭାବିକ କଥା। ଏଥିସହ ନଦୀରେ ସବୁଦିନ ଜୁଆର ଆସୁଥିବାରୁ ପଥରପ୍ୟାକିଂ ଧସିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହାବ୍ୟତୀତ ପଥରପ୍ୟାକିଂ କାମ ନିମ୍ନମାନର ବୋଲି ସାଠିବାଙ୍କୁଡ଼ା ଗ୍ରାମର କେତେଜଣ ବ୍ୟକ୍ତି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଧାମନଗର ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ କିଶୋର ଦାସ କହିଛନ୍ତି, ନଦୀଶଯ୍ୟାରେ ପଥରପ୍ୟାକିଂ କାମ ଚାଲିଛି। ଯେଉଁ ସ୍ଥାନରେ ପଥରପ୍ୟାକିଂ ଧସିଛି, ତାହା ନଦୀ ସୁରକ୍ଷା ବନ୍ଧ ପ୍ରତି କୌଣସି କ୍ଷତି ଆଣିବ ନାହିଁ।

## ୩ ବଖରା ଜଳିଗଲା

**ଧାମନଗର,୨/୭(ସନ୍ତୋଷ କୁମାର ମହାପାତ୍ର):** ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ବୟାଙ୍ଗଡିହି ପଞ୍ଚାୟତ ଷୋଳଗାଁ ସଲାମପୁର ଗ୍ରାମରେ ରବିବାର ଅପରାହ୍ନରେ ନିଆଁ ଲାଗି ରୋହିତ ବେହେରା ଓ ଶ୍ରବଣ ବେହେରାଙ୍କ ୩ ବଖରା ଘର ଜଳିଯାଇଛି। ଖବରପାଇ ଧାମନଗର ଦମକଳ ବାହିନୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ ସୁଦ୍ଧା ସେତେବେଳକୁ ଧାନ, ଚାଉଳ, ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ଲକ୍ଷାଧିକ ଟଙ୍କାର ଘର ସରଞ୍ଜାମ ପୋଡ଼ି ନଷ୍ଟ ହୋଇଯାଇଥିଲା। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିବାବେଳେ ବିଦ୍ୟୁତ୍ ଶର୍ଟସର୍କିଟରୁ ଲାଗିଥିବା ସନ୍ଦେହ କରାଯାଉଛି। ବିଧାୟକ ସୂର୍ଯ୍ୟବଂଶୀ ସୂରଜ ପହଞ୍ଚି ଅଗ୍ନିବିପନ୍ନ ପରିବାରକୁ ସମବେଦନା ଜଣାଇବା ସହ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ନେଇ ବିଭାଗୀୟ ଅଧିକାରୀଙ୍କ ସହ କଥା ହୋଇଥିଲେ।

## ୧୩ରୁ ବ୍ଲକ୍ କାର୍ଯ୍ୟାଳୟ ଆଗରେ କଂଗ୍ରେସର ବିକ୍ଷୋଭ

**ମୋରଡା,୨/୭(ସ୍ମାରକ ମାଜୀ)**

**ବ୍ଲକ୍‌ରେ ମହା ଦୁର୍ନୀତି ଅଭିଯୋଗ**

ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ୍ ଅନ୍ତର୍ଗତ ପାକଟିଆ ପଞ୍ଚାୟତରେ ବ୍ଲକ୍ କଂଗ୍ରେସ ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କଂଗ୍ରେସ ସମ୍ପାଦକ ପ୍ରଭାସକର ମହାପାତ୍ରଙ୍କ ନେତୃତ୍ୱରେ ବ୍ଲକ୍‌ର ୧୬ ପଞ୍ଚାୟତର କଂଗ୍ରେସ କର୍ମୀ ଏଥିରେ ଯୋଗଦେଇଥିଲେ। ଶୁଳିଆପଦା ବ୍ଲକ୍‌ରେ ହୋଇଥିବା ବିଭିନ୍ନ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରାଯିବା ସହିତ ବ୍ଲକ୍ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ସୂଚନା ଦେଇଥିଲେ।

ବ୍ଲକ୍‌ରେ ମୃତ ହିତାଧିକାରୀଙ୍କ ନାମରେ ଉଠାଣ ହୋଇଥିବା ଭତ୍ତା ଟଙ୍କା, ଉନ୍ନୟନମୂଳକ କାର୍ଯ୍ୟରେ ଅନୁମୋଦିତ ବ୍ୟୟ ଅଟକଳ ମୂଲ୍ୟଠାରୁ ଅଧିକ କାର୍ଯ୍ୟ କରିଥିବା ଦର୍ଶାଇ ଟଙ୍କା ଉଠାଣ ହେବା, କାର୍ଯ୍ୟ ନକରି ଜବ୍‌କାର୍ଡ ମାଧମରେ ଲୁଟ୍ ହୋଇଥିବା ଟଙ୍କା, ନିମ୍ନମାନର କାର୍ଯ୍ୟ ହୋଇଥିବା, କାର୍ଯ୍ୟ ଆଦୌ ନକରି ବିଲ ପୈଠ ହୋଇଥିବା ଇତ୍ୟାଦି ବାବଦରେ ତଦନ୍ତ ପାଇଁ ଗତ ମେରେ ବ୍ଲକ୍ କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ଦିଆଯାଇଥିଲା। କିନ୍ତୁ ଦୁଇ ମାସ ବିତିଯାଇଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ତଦନ୍ତ କରାଯାଇନାହିଁ କି ତଦନ୍ତ ରିପୋର୍ଟ ସାର୍ବଜନିନ ହୋଇନାହିଁ ବୋଲି ରାଜ୍ୟ ସମ୍ପାଦକ ମହାପାତ୍ର କହିଛନ୍ତି। ତେଣୁ ଚଳିତ ମାସ ୧୩ ତାରିଖରେ ବ୍ଲକ୍ କାର୍ଯ୍ୟାଳୟ ଆଗରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଆନ୍ଦୋଳନ ତୀବ୍ରତର ହେବ ବୋଲି ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ କୁହାଯାଇଛି। ବୈଠକରେ ବ୍ଲକ୍‌ର ବରିଷ୍ଠ କଂଗ୍ରେସ କର୍ମୀ ଧ୍ରୁବେନ୍ଦ୍ରନାଥ ସି, ଶୋଭାକର ମୁଖୀ, ମଣ୍ଟୁ ଦେଓ, ସରପଞ୍ଚ ସତ୍ୟବାନ ସି, ନିରଞ୍ଜନ ଦାସ, ସୁଜାତା ଦଳନାଏକ, ସବିତା ଧଳ, ଦୀପକ ସାଥୁଆ, ତ୍ରିନାଥ ନାଏକ, ସୁଶାନ୍ତ ଦେହୁରୀ, କବିର ଚନ୍ଦ୍ର ଗିରିଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

## ଡିଆର୍‌ଏମ୍‌ଙ୍କ ଜଳେଶ୍ୱର ଗସ୍ତ

**ଜଳେଶ୍ୱର,୨/୭(ରବିନାରାୟଣ ପାତ୍ର)**

ଖଡଗପୁର ରେଲୱେ ଡିଭିଜନ୍‌ର ନୂଆ ଡିଆର୍‌ଏମ୍ କେ.ଆର୍ ଚୌଧୁରୀ ରବିବାର ପୂର୍ବାହ୍ନରେ ଜଳେଶ୍ୱର ରେଳ ଷ୍ଟେଶନରେ ପରିଦର୍ଶନ କରିଛନ୍ତି। ସେଠାରେ ସେ ଅମୃତ ଭାରତ ଯୋଜନା, ଗତିଶକ୍ତି ଯୋଜନା ଇତ୍ୟାଦି ସମ୍ପର୍କରେ ସମୀକ୍ଷା କରିଥିବା ବେଳେ ଜଳେଶ୍ୱର ବିଶ୍ୱସ୍ତରୀୟ ରେଳ ଷ୍ଟେଶନ ହେବାକୁ ଯାଉଥିବା ପ୍ରକାଶ କରିଥିଲେ। ବିଭିନ୍ନ କାର୍ଯ୍ୟ ସମୀକ୍ଷା କରି କାର୍ଯ୍ୟର ଅଗ୍ରଗତିକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସୌନ୍ଦର୍ଯ୍ୟକରଣ, ନବୀକରଣ, ପ୍ଲାଟଫର୍ମରେ ବଗି ଇଣ୍ଡିକେଟର ଇତ୍ୟାଦି ଲଗାଯିବା ସମ୍ପର୍କରେ କହିଥିଲେ। ପୂର୍ବରୁ ଅଟକୁ ଥିବା ଉତ୍କଳ କଳିଙ୍ଗ ଏକ୍ସପ୍ରେସ୍‌ର ରହଣି, ସାଲିମାର ସିକନ୍ଦରାବାଦ ଓ ଖଡଗପୁର–ଏରନାକୁଲମ ଟ୍ରେନ୍‌ର ରହଣି ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବେ ବୋଲି କହିଥିଲେ। ଡିଆର୍‌ଏମ୍‌ଙ୍କ ପରିଦର୍ଶନ ବେଳେ ବରିଷ୍ଠ ଭାଜପା ନେତା ଅରୁଣ କୁମାର ବେଜ, ଷ୍ଟେଶନ ସୁପରିଟେଣ୍ଡେଣ୍ଟ ଖଗେନ୍ଦ୍ର ମଣ୍ଡଳ ଓ ରେଳବାଇର ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦିବଂଗତ ଖବରଦାତାଙ୍କୁ ଶ୍ରଦ୍ଧାଞ୍ଜଳି

**ଧାମନଗର,୨/୭ (ଦେବେନ୍ଦ୍ର ଆଢ଼ିଆ)**

ଧାମନଗର ପ୍ରେସ୍ କ୍ଲବ ପକ୍ଷରୁ ଭଦ୍ରକର ଦିବଂଗତ ଖବରଦାତା ଭଜଗୋବିନ୍ଦ ଜେନାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଏପିଜେ ଅବଦୁଲ କଲାମ ପାଠାଗାର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍ କ୍ଲବ ସଭାପତି ବୈକୁଣ୍ଠ ନାଥ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଉପଦେଷ୍ଟା ଅନିଲ ବାରିକ, ରସାନନ୍ଦ ମହାପାତ୍ର, ଖବରଦାତା ବାସୁଦେବ ତ୍ରିପାଠୀ, ପ୍ରଦୀପ ମହାପାତ୍ର, ସୁଧାକର ଦାଶ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜେନା ଜଣେ ସଚ୍ଚୋଟ ଓ ନିର୍ଭୀକ ଖବରଦାତା ଭାବେ ସମସ୍ତଙ୍କ ପ୍ରିୟ ଥିଲେ ବୋଲି କହିଥିଲେ। ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରେସ୍ କ୍ଲବର ସାଧାରଣ ସମ୍ପାଦକ ରଜତ ପଣ୍ଡା କୃତଜ୍ଞତା ଜ୍ଞାପନ କରିଥିଲେ। କ୍ଲବର ସମସ୍ତ ଖବରଦାତା ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଥିଲେ।

## ତଳକିଆ,ରାଇରାମଚନ୍ଦ୍ରପୁର ଶ୍ରେଷ୍ଠ ପଞ୍ଚାୟତ

**ଔପଦା,୨/୭(ଧରିତ୍ରୀ ପଣ୍ଡା)**

ବାଲେଶ୍ୱର ଜିଲାର ୧୨ଟି ବ୍ଲକ ମଧ୍ୟରୁ ଶ୍ରେଷ୍ଠ ପଞ୍ଚାୟତ ଭାବେ ଔପଦା ବ୍ଲକର ତଳକିଆ ଓ ରାଇରାମଚନ୍ଦ୍ରପୁର ପଞ୍ଚାୟତ ପୁରସ୍କୃତ ହୋଇଛି। ସେହିପରି ରେମୁଣା ବ୍ଲକର ସୁଟେଇ ପଞ୍ଚାୟତ ଶ୍ରେଷ୍ଠ ପଞ୍ଚାୟତ ଭାବେ ମନୋନୀତ ହୋଇଛି। ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି ହୋଇଥିବା ନେଇ ଏହି ପଞ୍ଚାୟତକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରେଷ୍ଠ ପଞ୍ଚାୟତ ଭାବେ ମନୋନୀତ କରାଯାଇଛି। ସଫଳତା ପାଇଥିବା ତଳକିଆ ପଞ୍ଚାୟତର ସରପଞ୍ଚ ଦୀପ୍ତିରାଣୀ ନାୟକ, ରାଇରମଚନ୍ଦ୍ରପୁର ପଞ୍ଚାୟତର ସରପଞ୍ଚ ମନସ୍ୱିତା ପଣ୍ଡାଙ୍କୁ ଗତ ୨୮ ତାରିଖରେ ରାଜ୍ୟ କନ୍‌ଭେନଶନ କେନ୍ଦ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କୃତ କରିଛନ୍ତି। ଏହି ସଫଳତା ପାଇଁ ପଞ୍ଚାୟତବାସୀ ଖୁସି ବ୍ୟକ୍ତ କରିବା ସହ ବିଡିଓ, ଜିପିଓ, ବ୍ଲକ ମୁଖ୍ୟ ଯନ୍ତ୍ରୀ ଓ ପିଇଓଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଚିନ୍ମୟ ରାୟ ଜିତିଲେ ଇଲେକ୍ଟ୍ରି ସ୍କୁଟର

**କେନ୍ଦୁଝର,୨/୭(ନରେଶ ଚନ୍ଦ୍ର ପଟ୍ଟନାୟକ)**

**କନକ ଜୁଏଲେରିର ଲଟେରି ଉଠାଣ**

କେନ୍ଦୁଝରରେ ଥିବା କନକ ଜୁଏଲାରି ବିଭିନ୍ନ ସମୟରେ ଗ୍ରାହକଙ୍କୁ ନେଇ ଲଟେରି ଉଠାଣ କରିଥାଏ। ଗତ ଜୁନ ମାସରେ ସୁନା ଗହଣା କିଣାକିଣି କରିଥିବା ଗ୍ରାହକଙ୍କୁ ନେଇ ଶନିବାର ସନ୍ଧ୍ୟା ଏକ ଲଟେରି ଉଠାଣ ଅନୁଷ୍ଠିତ ହୋଇଥିଲା। ଏଥିରେ କୁପନ ନମ୍ବର ୦୯୨୩୯ ଉଠିଥିଲା। ଏହି କୁପନଟି ଚିନ୍ମୟ ରାୟଙ୍କ ନାମରେ ରହିଥିଲା। ଫଳରେ ସେ ଚଳିତ ମାସର ଲଟେରି ଉଠାଣରେ ଏକ ଇଲେକ୍ଟ୍ରି ସ୍କୁଟର ଜିତିଛନ୍ତି। ଗତ ଏପ୍ରିଲଠାରୁ ଅଗଷ୍ଟ ପର୍ଯ୍ୟନ୍ତ ପ୍ରତିମାସରେ ଗ୍ରାହକଙ୍କ ପାଇଁ ଲଟେରୀ ଉଠାଣ ବ୍ୟବସ୍ଥା କରାଯାଇଛି। ୫ ମାସ ମଧ୍ୟରେ ଯେଉଁ ଗ୍ରାହକ ୫ ହଜାର ଟଙ୍କାରୁ ଅଧିକ ଟଙ୍କାର ସୁନାଗହଣା କିଣାକିଣି କରିବେ, ତାଙ୍କୁ ଲଟେରୀ କୁପନ ପ୍ରଦାନ କରାଯାଉଛି। ଲଟେରୀ ଉଠାଣ ସମୟରେ ଖବରଦାତା ଦେବାଶିଷ ମିଶ୍ର, ପ୍ରଦୀପ ମହାନ୍ତି, ନରେଶ ପଟ୍ଟନାୟକ, ସୁଧାଂଶୁ ସାହୁ, ତାପସ ରଥ ପ୍ରମୁଖ ଉପସ୍ଥିତ ଥିଲେ। ବିଏସ୍ ମଲର ସତ୍ତ୍ୱାଧିକାରୀ ଜିତେନ୍ଦ୍ର କୁମାର ସାହୁଙ୍କ ଉପସ୍ଥିତିରେ ସମସ୍ତ ଲଟେରି ଉଠାଣ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।


ଲଟେରି କୁପନ ଉଠାଉଛନ୍ତି ଶିଶୁକନ୍ୟା।

# ରାସ୍ତାରେ ଜମୁଛି ପାଣି

**ପାଟଣା,୨/୭(ବୀରକିଶୋର ଦାଶ)**

■ ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ

■ ଦୁର୍ଦ୍ଦଶା ଭୋଗୁଛନ୍ତି ବାଘମରାବାସୀ


ପିଲାମାନେ ଅଭିଭାବକଙ୍କ ସହ ପାଣିରେ ପଶି ଯାଉଛନ୍ତି।

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କ୍ଷୀରେଇ ଟାଙ୍ଗିରିରୁ ସଂଖ୍ରିକୁ ସଂଯୋଗ ପ୍ରଧାନମନ୍ତ୍ରୀ ସଡ଼କ ତ୍ରୁଟିପୂର୍ଣ୍ଣ ଭାବେ ନିର୍ମାଣ ହୋଇଛି। ଫଳରେ ସଦର ବ୍ଲକ୍‌ରୁ ସଂଖ୍ରି ରାସ୍ତାର ବାଉଁଷୁଳି ପଞ୍ଚାୟତ ଭୁଲୁଦା ଗ୍ରାମ ବାଘମରା ସାହି ନିକଟରେ ବର୍ଷ ତମାମ ପାଣି ଜମି ରହୁଛି। ୩ ବର୍ଷ ହେବ ସମସ୍ୟା ଲାଗି ରହିଥିବା ବେଳେ ଅଭିଯୋଗ ପରେ ବି ରାସ୍ତା ମରାମତି କରାଯାଉନାହିଁ।

ସୂଚନା ଅନୁଯାୟୀ, ବାଘମରା ସାହିର ସ୍କୁଲ ପାଖ ୧ ଶହ ମିଟର କଂକ୍ରିଟ ରାସ୍ତା ଆଣ୍ଠୁଏ ଖାଲରେ ନିର୍ମାଣ ହୋଇଛି। ନିଷ୍କାସନର ବ୍ୟବସ୍ଥା ନ ଥିବାରୁ ରାସ୍ତାରେ ସର୍ବଦା ଆଣ୍ଠୁଏ ପାଣି ଜମି ରହୁଛି। ଫଳରେ ଲୋକେ ବର୍ଷ ତମାମ ଆଣ୍ଠୁଏ ପାଣିରେ ଯାତାୟାତ କରୁଛନ୍ତି। ଗାଁର ଅଙ୍ଗନୱାଡ଼ି, ସ୍କୁଲ, କଲେଜ ଛାତ୍ରୀଛାତ୍ର, ପଥଚାରୀ, ପାଣି ଆଣିବାକୁ ଯାଉଥିବା ମହିଳାମାନେ ପାଣିରେ ପଶି ରାସ୍ତା ପାର ହେଉଛନ୍ତି। ସାଇକେଲ, ବାଇକ, କାର, ଅଟୋ, ବସ ଆଦି ପାଣି ଭିତରେ ଯାତାୟାତ କରୁଥିବା ବେଳେ ବିଭିନ୍ନ ସମୟରେ ଏଠାରେ ସଡ଼କ ଦୁର୍ଘଟଣା ଘଟୁଛି। ବର୍ଷତମାମ ପାଣି ଜମି ରହୁଥିବାରୁ ମଶା ବଂଶ ବୃଦ୍ଧି ପାଉଛି। ଦୀର୍ଘ ୩ ବର୍ଷ ହେବ ସମସ୍ୟା ଲାଗି ରହିଛି। ଏ ନେଇ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନ ଜିଲାପାଳ ଓ ଲୋକ ପ୍ରତିନିଧିଙ୍କୁ ଗୁହାରୀ କଲେ ବି ଫଳ କିଛି ହେଉନାହିଁ। ପ୍ରଶାସନ ପକ୍ଷରୁ ରାସ୍ତା ମରାମତି କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମର ୱାର୍ଡ ମେମ୍ବର ତପସ୍ୱିନୀ ମହାନ୍ତ, ସୁପୁନ ପାତ୍ର, ଯୁଗେନ ମହାନ୍ତ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏନେଇ ଆରଡି ଜେଇ ଦେବଦତ୍ତ ମହାନ୍ତି କହିଛନ୍ତି, ଉକ୍ତ ସ୍ଥାନରେ ଜମିଜମି ବିବାଦ ରହିଥିବାରୁ ଏଭଳି ସମସ୍ୟା ଉପୁଜିଛି। ପାଣି ନିଷ୍କାସନ ନେଇ ବ୍ୟବସ୍ଥା କରିବେ ବୋଲି କହିଥିଲେ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. 14-SBP-TRD-OT-2023-24 ତା.27.06.2023ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ, ସମ୍ବଲପୁର ମଣ୍ଡଳର ବଡ଼ମାଳ ଷ୍ଟେସନ ଦ୍ୱାରା ସେବିତ (Served) OFBL ସାଇଡିଙ୍ଗ୍ ଏକ୍ସଚେଞ୍ଜ ୟାର୍ଡର ଲାଇନ୍ ନଂ. 2 ଏବଂ 3ର ବିଦ୍ୟୁତିକରଣ।

**ଆନୁମାନିକ ମୂଲ୍ୟ :** ₹ 1,32,82,296.37, **EMD :** ₹2,16,400/-, କାର୍ଯ୍ୟ ଶେଷ ହେବା ଅବଧି: 08 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.19.07.2023ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-309/O/23-24

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ମହିଳା ଗୁରୁତର

ନୀଳଗିରି,୨।୭(ପ୍ରଶାନ୍ତ ବିଶ୍ୱାଳ): ନୀଳଗିରି ବ୍ଲକ ମହିଷାପଟା ପଞ୍ଚାୟତ ଶାଳବଣି ଡମ୍ବରୁଘାଟି ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ରତେ ସିଂଙ୍କ ସ୍ତ୍ରୀ କାଳି (୪୫)। ଅପରାହ୍ନରେ ସେ ନିଜ ବାଡ଼ିପଟକୁ ଶୌଚ ପାଇଁ ଯାଇଥିବା ବେଳେ ହଠାତ୍ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ଚିତ୍କାର ଶୁଣି ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିବା ପରେ ଭାଲୁଟି ସେହି ସ୍ଥାନ ଛାଡ଼ି ପଳାଇ ଯାଇଥିଲା। ଉଦ୍ଧାର ପରେ ଚିକିତ୍ସା ପାଇଁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ୨ ବାଲି ବୋଝେଇ ଟ୍ରକ୍ ଜବତ
#### ୧ ଲକ୍ଷ ଜରିମାନା ଆଦାୟ

ମୋରଡ଼ା,୨।୭(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ତହସିଲ ତହସିଲଦାର ଅନନ୍ତ କୁମାର ହାଁସଦା ଦୁଇଟି ବାଲି ବୋଝେଇ ଟ୍ରକ୍ ଜବତ କରିଛନ୍ତି। ଜବତ ଟ୍ରକରୁ ଏକ ଲକ୍ଷ ଟଙ୍କା ଜରିମାନା ଆଦାୟ ହୋଇଥିବା ତହସିଲ ପକ୍ଷରୁ ସୂଚନା ମିଳିଛି। ମୋରଡ଼ା ତହସିଲ ତଥା ଥାନା ଅନ୍ତର୍ଗତ ପାଟପୁର, ଧଡ଼ାସାହି, ଖୁରୁଣ୍ଟିଆ, ବଡ଼ମୁଣ୍ଡାବଣୀ ନଦୀ ଘାଟରୁ ବେଧଡ଼କ ବାଲିଚାଲାଣ ହେଉଛି। ବଡମୁଣ୍ଡାବଣୀ ନଦୀ ଘାଟ ନିଲାମ ହୋଇଥିବା ବେଳେ ସ୍ଥାନୀୟ କିଛି ମୁଷ୍ଟିମେୟ ବ୍ୟକ୍ତି ନିଲାମଧାରୀଙ୍କୁ ବାଲି ଉଠାଇବାକୁ ନଦେଇ ନିଜେ ଘାଟରୁ ବାଲି ଚୋରି କରୁଛନ୍ତି। ଖବର ପାଇ ମୋରଡ଼ା ତହସିଲଦାର ଘାଟ ନିକଟସ୍ଥ ବଡମୁଣ୍ଡାବଣୀକୁ ପାଟ୍ରୋଲିଂରେ ଯାଉଥିବା ବେଳେ ୨ ଟ୍ରକ୍ ତାଙ୍କ ହାବୁଡ଼ରେ ପଡ଼ିଥିଲା। ଟ୍ରକକୁ ଜବତ କରି ଚିତ୍ରଡ଼ା ଫାଣ୍ଡିକୁ ଆଣିଥିଲେ। ପରେ ଦୁଇ ଟ୍ରକ୍କୁ ୫୦ ହଜାର ଟଙ୍କା ଲେଖାଏଁ ଫାଇନ କରିଥିବା ଜଣାପଡ଼ିଛି।

### ରସଗୋଲା ଦିବସ ପାଳିତ

ବଡ଼ବିଲ,୨।୭ (ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲରେ ନୀଳାଦ୍ରି ବିଜେ ଉତ୍ସବ ଧୁମଧାମର ସହ ପାଳିତ କରାଯାଇଛି। ବଡ଼ବିଲସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର, ହରିହର ମନ୍ଦିର ଓ କଲ୍ୟାଣେଶ୍ୱର ମନ୍ଦିରରେ ତିନି ଠାକୁର ବିଜେ କରିଛନ୍ତି। ମହାପ୍ରଭୁ ରସଗୋଲା ଖୁଆଇ ମା' ଲକ୍ଷ୍ମୀଙ୍କ ମାନ ଭଞ୍ଜନ କରି ନୀଳାଦ୍ରୀ ବିଜେ କରିବା ପରମ୍ପରାକୁ ସାରା ଓଡ଼ିଶା ରସଗୋଲା ଦିବସ ପାଳନ କରୁଛି। ବଡବିଲର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନୀଳାଦ୍ରୀ ପକ୍ଷରୁ ମଧ ରସଗୋଲା ଦିବସ ପାଳନ କରାଯାଇଛି। ଅନୁଷ୍ଠାନର ଟ୍ରଷ୍ଟି, କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହି ରସଗୋଲା ଖାଇ ଉତ୍ସବ ପାଳିଥିଲେ।

### ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ପରଲୋକ

ଭଦ୍ରକ,୨।୭(ସନାତନ ରାଉତ): ଭାରତୀୟ ଷ୍ଟେଟବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ, ସାମାଜିକ କର୍ମୀ ବିନୟ କୁମାର ବେହେରା(୬୬)ଙ୍କ ଚାନ୍ଦବାଲି ଏନ୍ଏସିସ୍ଥିତ ସତ୍ୟନାରାୟଣ କଲୋନୀ ନିଜ ବାସଭବନରେ ହୃଦ୍ଘାତରେ ପରଲୋକ ହୋଇଛି। ସେ ଷ୍ଟେଟବ୍ୟାଙ୍କର ଭଦ୍ରକ, ଚାନ୍ଦବାଲି ଓ ବାଲିଗାଁ ଶାଖାରେ କାର୍ଯ୍ୟ କରି ଚାନ୍ଦବାଲି ଶାଖାରୁ ୨୦୧୭ରେ ଅବସର ନେଇଥିଲେ। ଦୁଇବର୍ଷ ତଳେ ହୃଦ୍ଘାତରେ ଶିକାର ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ସମବାୟ ଓ ଖାଉଟି କଲ୍ୟାଣ ବିଭାଗ ଅଧକ୍ଷ ପ୍ରତାପ ଚନ୍ଦ୍ର ଧଳ, ଜିଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ମୀନକେତନ ବିଶାଳ, ସତ୍ୟବୀର ପ୍ରତାପ ରାୟ, ଖବରଦାତା ଭାଗୀରଥି ସେଠୀ, କିଶାନ ପାତ୍ର, ପ୍ରଶାନ୍ତ ପାଣି, ଦେବଜ୍ୟୋତି ଜେନା ପ୍ରମୁଖ ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ କରାଯାଇଥିବା ବେଳେ ବଡ଼ପୁଅ ବିକାଶ ବେହେରା ମୁଖାଗ୍ନି ଦେଇଥିଲେ।

### ଆଜି ଦରବାରହଲ୍ରେ ମିଳିତ ଅଭିଯୋଗ ଶୁଣାଣି

କେନ୍ଦୁଝର,୨।୭(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲାପାଳ ଓ ଏସ୍ପିଙ୍କ ମିଳିତ ଅଭିଯୋଗ ଶୁଣାଣି ୩ ତାରିଖ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାରହଲ୍ଠାରେ ଅନୁଷ୍ଠିତ ହେବ। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ସେହିପରି ୧୦ ତାରିଖ ସୋମବାର ହାଟଡ଼ିହି ବ୍ଲକ୍ କାର୍ଯ୍ୟାଳୟ, ୧୭ ସୋମବାର ଘଟଗାଁ ବ୍ଲକ୍ କାର୍ଯ୍ୟାଳୟ, ୨୪ ସୋମବାର ଝୁମ୍ପୁରା ଓ ୩୧ ସୋମବାର ତେଲକୋଇ ବ୍ଲକ୍ କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଅଭିଯୋଗ ଶୁଣାଣି ସ୍ଥାନମାନଙ୍କରେ ଚିକିତ୍ସା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶ୍ରମ, ଜଳସେଚନ, ଉଠା ଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଯୋଗାଣ ବିଭାଗ, ଜଳଛାୟା ବିଭାଗ, ଜିଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସମ୍ପୃକ୍ତ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲାପାଳ ଆଶିଷ ଠାକରେ ନିର୍ଦ୍ଦେଶ ଦେଇଛନ୍ତି।

# ୟୁସିସିକୁ ସାନ୍ତାଳ ସମ୍ପ୍ରଦାୟର ବିରୋଧ


ବିଭିନ୍ନ ସାନ୍ତାଳୀ ସମ୍ପ୍ରଦାୟର ସଦସ୍ୟଙ୍କ ମଧ୍ୟରେ ସଦର ବିଧାୟକ ମୋହନ ମାଝୀ।

- ଆନ୍ଦୋଳନରେ ଭାଜପା ବିଧାୟକଙ୍କ ଯୋଗଦାନକୁ ନେଇ ଚର୍ଚ୍ଚା
- ପ୍ରଥମେ ସମାଜ, ତାପରେ ମାଟି ଓ ପାର୍ଟି: ମୋହନ

କେନ୍ଦୁଝର, ୨।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)

ବୀର ସିଦ୍ଧ କାହ୍ନୁଙ୍କ ୧୬୯ତମ ସାନ୍ତାଳ ବିପ୍ଳବ ଦିବସ ଉପଲକ୍ଷେ କେନ୍ଦୁଝର ଭାରତ ଜାକାତ୍ ମାଝୀ ପାର୍ଗାନ ମହଲ, ଭାରତ ଜାକାତ୍ ସାରାନ ଧରମ ଚେଦେତ୍ ଆଶ୍ଲା ଓ ଅନ୍ୟାନ୍ୟ ସାନ୍ତାଳ ସାମାଜିକ ସଂଗଠନ ପକ୍ଷରୁ ଶୁକ୍ରବାର ବିଭିନ୍ନ ଦାବିକୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏ ନେଇ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ର, ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବି ମଧ୍ୟରେ କେନ୍ଦ୍ରରେ ଭାଜପା ସରକାରଙ୍କ ପକ୍ଷରୁ ଲାଗୁ ହେବାକୁ ଥିବା ୟୁନିଫର୍ମ ସିଭିଲ କୋଡ୍(ୟୁସିସି)କୁ ବିରୋଧ କରାଯାଇଥିଲା। ମାତ୍ର ଭାଜପା ପକ୍ଷରୁ ଆଗତ ବିଲ୍ ପ୍ରତ୍ୟାହାର ଆନ୍ଦୋଳନରେ ଭାଜପା ବିଧାୟକ ମୋହନ ମାଝୀଙ୍କ ଉପସ୍ଥିତିକୁ ନେଇ ଚର୍ଚ୍ଚା ଜୋର ହୋଇଛି।

ଦାବି ମଧ୍ୟରେ ସାନ୍ତାଳୀ ଭାଷାକୁ ସଂଖ୍ୟାଲଘୁ ଭାଷା ଭାବେ ମାନ୍ୟତା, ସାନ୍ତାଳୀ ଶିକ୍ଷାକୁ ପରିଚାଳନା ଓ ତ୍ୱରାନ୍ୱିତ କରିବା ପାଇଁ ବୋର୍ଡ ଓ କାଉନ୍ସିଲର ଗଠନ, ୨୦୦୭ରେ ନିଯୁକ୍ତି ପ୍ରାପ୍ତ ସାନ୍ତାଳୀ ଶିକ୍ଷକମାନଙ୍କୁ ନିୟମିତ କରିବା, ସାନ୍ତାଳୀ (ଅଲ୍ଚିକି)ରେ ପ୍ରାଥମିକସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷାର ବ୍ୟବସ୍ଥା, ଆଦିବାସୀ ସମ୍ପ୍ରଦାୟର ସାର୍ନା ଧର୍ମକୁ କୋଲମ କୋଡରେ ସ୍ଥାନ ପାଇଁ ଓଡ଼ିଶା ବିଧାନସଭାରୁ ପାରିତ କରି କେନ୍ଦ୍ରକୁ ପଠାଯାଉ, ସମ୍ବିଧାନର ପଞ୍ଚମ ଅନୁସୂଚି ଅନୁସାରେ ମାଝୀ ପାରାଗାନମାନଙ୍କୁ ମାନ୍ୟତା, ଓଡ଼ିଶାରେ ଓପିଏସସି, ଏସ୍ଏସ୍ସି ଇତ୍ୟାଦି ପ୍ରତିଯୋଗିତା ମୂଳକ ପରୀକ୍ଷାରେ ସାନ୍ତାଳୀ ଭାଷା(ଅଲ୍ଚିକି) ଅନ୍ତର୍ଭୁକ୍ତ, ଜାତୀୟ ଶିକ୍ଷାନୀତି-୨୦୨୦ରେ ସାନ୍ତାଳୀ ଭାଷାକୁ (ଅଲ୍ଚିକି) ସ୍ଥାନ, ଆଦିବାସୀ ବିରୋଧୀ ବନ ସଂରକ୍ଷଣ ସଂଶୋଧନ ବିଲ-୨୦୨୩କୁ ଓଡ଼ିଶା ସରକାର ପ୍ରତ୍ୟାହାର ପାଇଁ ଓଡ଼ିଶା ବିଧାନସଭାରୁ ପାରିତ କରି କେନ୍ଦ୍ରକୁ ପଠାଯିବା ଓ ଆଦିବାସୀ ବିରୋଧୀ ୟୁନିଫର୍ମ ସିଭିଲ କୋଡକୁ ପ୍ରତ୍ୟାହାର ଆଦି ୧୦ ଦଫା ଦାବିରେ ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଅନ୍ୟପକ୍ଷେ ୟୁନିଫର୍ମ ସିଭିଲ କୋଡକୁ ଲାଗୁ କରିବା ପାଇଁ କେନ୍ଦ୍ରରେ ଭାଜପା ସରକାର ପଦକ୍ଷେପ ନେଉଥିବା ବେଳେ ଏହାକୁ ପ୍ରତ୍ୟାହାର ଦାବିରେ ହୋଇଥିବା ଆନ୍ଦୋଳନରେ ଭାଜପା ବିଧାୟକ ମୋହନ ମାଝୀଙ୍କ ଉପସ୍ଥିତିକୁ ଦେଇ ଚର୍ଚ୍ଚା ଜୋର ଧରିଥିଲା। ୟୁସିସି ବିଲକୁ ନେଇ ମୋହନ ମାଝୀ କହିଛନ୍ତି, ପ୍ରଥମେ ସମାଜ, ତାପରେ ମାଟି ଓ ତା ପରେ ପାର୍ଟି। ଏଣୁ ଜାତି ସମାଜ ପାଇଁ ଏହି ଆନ୍ଦୋଳନରେ ସାମିଲ ହୋଇଛି। ୟୁସିସି ବିଲ ଆସିଲେ ସାନ୍ତାଳୀ ସମାଜର କ୍ଷତି ହେବନାହିଁ। ସମସ୍ତଙ୍କୁ ଆଇନ ଅନୁସାରେ ସମାନ ଅଧିକାର ମିଳିବା ପାଇଁ ଏହି ବିଲ୍ ଆସୁଛି। ମୋର ୟୁସିସିରେ ସମର୍ଥନ ରହିଛି ବୋଲି କହିଥିଲେ। ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର କହିଛନ୍ତି, ନିର୍ବାଚନ ଜିତିବା ପାଇଁ ବିଧାୟକ ଜାତିକୁ ଆୟୁଦ୍ଧ କରୁଛନ୍ତି। ତାଙ୍କ ସରକାର ବିଲ ଆଣୁଥିବା ବେଳେ ସେ ନିଜେ ଏଭଳି ରାଲିରେ ସାମଲ ହୋଇ ଭୁଆଁ ବୁଲାଉଛନ୍ତି। କଂଗ୍ରେସ ଜିଲା ସଭାପତି ମୋହନ ପରିଡ଼ା କହିଛନ୍ତି, ଭାଜପାର ଦୋମୁହାଁ ନୀତି ପଦାରେ ପଡ଼ିଛି। ବିଧାୟକଙ୍କ ଦଳ ଆଦିବାସୀ ବିରୋଧୀ ବିଲ୍ ଆଣୁଥିବା ବେଳେ ସେ ଏଠାରେ ଭୋଟ ପାଇଁ ମଲମ ଲାଗାଇବାକୁ ଉଦ୍ୟମ କରୁଛନ୍ତି।

# ବିଶ୍ୱ ଏକତା, ଶାନ୍ତିର ବାର୍ତ୍ତା ନେଇ ବାଇକ୍ ଶୋଭାଯାତ୍ରା


ରୋଟାରିୟାନମାନେ କ୍ଲବର ନୂତନ ସଭାପତିଙ୍କୁ ସ୍ୱାଗତ ଜଣାଉଛନ୍ତି।

ବାଲେଶ୍ୱର,୨।୭(ମାନସ ବିଶ୍ୱାଳ)

ବାଲେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ରୋଟାରୀ ନବବର୍ଷ ପରିପ୍ରେକ୍ଷୀରେ ସହରର ସମସ୍ତ ରୋଟାରୀ କ୍ଲବ ମାନଙ୍କର ସହଯୋଗରେ ବିଶ୍ୱ ଏକତା ଓ ଶାନ୍ତିର ବାର୍ତ୍ତା ନେଇ ଶନିବାର ଏକ ମିଳିତ ମୋଟର ସାଇକେଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ସହରର ୪ଟି କ୍ଲବରୁ ପ୍ରାୟ ୧୦୦ଜଣ ରୋଟାରିୟାନ ଯୋଗଦେଇଥିଲେ। ଶୋଭାଯାତ୍ରା ରୋଟାରୀ କ୍ଲବ ବାଲେଶ୍ୱରଠାରୁ ବାହାରି ସେହିଠାରେ ସମାପ୍ତ ହୋଇଥିଲା। ଏହି ଶୋଭାଯାତ୍ରାକୁ ଜିଲା ଖେଳ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପତାକା ଦେଖାଇ ଆରମ୍ଭ କରିଥିଲେ। ଏହି ଅବସରରେ ରୋଟାରୀ କ୍ଲବ ଅଫ୍ ବାଲେଶ୍ୱରର ନୂତନ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରି ଚାଟାର୍ଡ଼ ଆକାଉଟାଣ୍ଟ ପ୍ରଦୀପ୍ତ କୁମାର ପଣ୍ଡା କ୍ଲବର କୌଶଲ୍ୟା ଦେବୀ ହଲରେ ସମସ୍ତ ଚାଟାର୍ଡ଼ ଆକାଉଟାଣ୍ଟ ଓ ଡାକ୍ତରମାନଙ୍କୁ ନେସନାଲ ଡକ୍ଟର୍ସ ଡେ ଓ ଚାଟାର୍ଡ଼ ଆକାଉଟାଣ୍ଟ ଡେରେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଫକୀର ମୋହନ ମେଡିକାଲ କଲେଜର ଅଧକ୍ଷ ଡା. ରାମଚନ୍ଦ୍ର ଗିରି ମୁଖ୍ୟ ଅତିଥି ଭାବେ ଯୋଗଦେଇ ରୋଟାରୀର ଆଭିମୁଖ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ନବ ନିର୍ବାଚିତ ସମ୍ପାଦକ ରୋଟାରିୟାନ ସୁଧାଂଶୁ ପଣ୍ଡା ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ରୋଟାରିୟାନ ପ୍ରଦୀପ୍ତ କୁମାର ପଣ୍ଡାଙ୍କ ନେତୃତ୍ୱରେ ରୋଟାରୀ କ୍ଲବ ପରିସର ଓ ଶ୍ରୀକୋଣା ଉପ୍ରା ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ସମସ୍ତ ସଭ୍ୟମାନଙ୍କୁ ନେଇ କରାଯାଇଥିଲା। ଅପରାହ୍ନରେ ରୋଟାରୀ କ୍ଲବର ପୋଷ୍ୟ ଗ୍ରାମ, ନୂଆ ନଈ ଘାଟରେ ଥିବା ସିଧୁ କାହ୍ନୁ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ସ୍ୱାଦିଷ୍ଟ ଭୋଜନ 'ଅନ୍ନପୂର୍ଣ୍ଣସ ଦିବସ' ପାଳନ କରାଯାଇଥିଲା। ଦିବସ ବ୍ୟାପୀ କାର୍ଯ୍ୟରେ ବରିଷ୍ଠ ରୋଟାରିୟାନ ସୁବ୍ରତ କର, ରୋଟାରୀ କ୍ଲବର ପ୍ରାକ୍ତନ ସଭାପତି ଇଂ. ସୌରଭ କୁମାର ବେହେରାଙ୍କ ସମେତ ବହୁ ରୋଟାରିୟାନ ଯୋଗଦେଇ ରୋଟାରୀ ନବ ବର୍ଷକୁ ସ୍ୱାଗତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଚେୟାରମ୍ୟାନ ରୋଟାରିୟାନ ମାତୃଦତ୍ତ ଦାସ ପରିଚାଳନା କରିଥିଲେ।

# ଅନ୍ନପୂର୍ଣ୍ଣାଙ୍କ ଦୁଃଖ ଶୁଣିଲେ ଜିଲାପାଳ

ଧାମନଗର,୨।୭(ସନ୍ତୋଷ କୁମାର ମହାପାତ୍ର)


ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅନ୍ନପୂର୍ଣ୍ଣା ମଲିକଙ୍କ ଅଭିଯୋଗ ଶୁଣୁଛନ୍ତି।

ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଶନିବାର ଧାମନଗର ବ୍ଲକ ଓ ଏନ୍ଏସି କାର୍ଯ୍ୟାଳୟ ପରିଦର୍ଶନ କରି ପଛୁଆ ବର୍ଗ ଲୋକଙ୍କ ସାମାଜିକ ଓ ଆର୍ଥିକ ତଥ୍ୟ ଆଇସିଆର ଫର୍ମ ସର୍ବେକ୍ଷଣକୁ ଯାଞ୍ଚ ସହ ବ୍ଲକର ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ ତଦାରଖ କରିଥିଲେ। ଏନ୍ଏସି କାର୍ଯ୍ୟାଳୟକୁ ଯାଇଥିବା ବେଳେ ଅଭିଯୋଗ ନେଇ ଆସିଥିବା ୩ ନଂ. ୱାର୍ଡ କଲୁଣିସାହିର ଗରିବ ବିଧବା ଅନ୍ନପୂର୍ଣ୍ଣା ମଲିକ ଓ ତାଙ୍କ ପରିବାର ଜିଲାପାଳଙ୍କୁ ଭେଟି ଦୁଃଖ ଜଣାଇଥିଲେ।

ଅନ୍ନପୂର୍ଣ୍ଣା ଅଭିଯୋଗ କରିଥିଲେ ଯେ, ୨୦୨୨ରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଥିଲେ ମଧ ଅଦ୍ୟାବଧି ଘର ହୋଇପାରୁ ନାହିଁ। ସହରାଞ୍ଚଳ ଜାଗା ମିଶନ ଯୋଜନାରେ ପାଇଥିବା ସ୍ଥାନରେ କିଛି ଲୋକଙ୍କ ବିରୋଧ ଯୋଗୁ ଘର କରିପାରୁ ନାହାନ୍ତି। ଏ ସମ୍ପର୍କରେ ପୂର୍ବରୁ ବାରମ୍ବାର ଏନ୍ଏସି କାର୍ଯ୍ୟାଳୟ, ତହସିଲଦାର ଓ ଧାମନଗର ଥାନାରେ ଅବଗତ କରାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଜିଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ତୁରନ୍ତ ଅଭିଯୋଗକାରିଣୀଙ୍କ ଘରକୁ ଯାଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଉପସ୍ଥିତ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତିଙ୍କୁ କହିଥିଲେ। ଏଥିସହ ଧାମନଗର ଅତିରିକ୍ତ ତହସିଲଦାର ସାଇ ସିଲୋନାଙ୍କୁ ଫୋନ୍ ମାଧମରେ ସେ କହିଥିଲେ। ସେହିପରି ଅନ୍ନପୂର୍ଣ୍ଣାଙ୍କ ସ୍ୱାମୀ ତରୁଣ ମଲିକଙ୍କ ୨୦୧୩ ସେପ୍ଟେମ୍ବରରେ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି ଆର୍ଥିକ ସାହାଯ୍ୟ ମିଳି ନ ଥିବା ଜାଣି ଜିଲାପାଳ ଜାତୀୟ ମୃତ୍ୟୁକାଳୀନ ସହାୟତା ରାଶି ୨୦ ହଜାର ଟଙ୍କା ଓ ରେଡ୍କ୍ରସ ପାଣ୍ଠିରୁ ସହାୟତା ଯୋଗାଇ ଦେବାକୁ କାର୍ଯ୍ୟନିର୍ବାହୀ ଅଧିକାରୀ ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବିଷାକ୍ତ ଛତୁ ଖାଇ ୩ ଗୁରୁତର

ଠାକୁରମୁଣ୍ଡା,୨।୭ (ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ୍ ଦିଗଧର ପଞ୍ଚାୟତ ବଡ଼ବିଲ ସାହିରେ ବିଷାକ୍ତ ଛତୁ ଖାଇ ୩ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ଗ୍ରାମର ଲମ୍ବଧର ଦଣ୍ଡପାଟଙ୍କ ପୁଅ ଅନନ୍ତ ଦଣ୍ଡପାଟ (୨୫), ଚନ୍ଦନ ଦଣ୍ଡପାଟ, ଝିଅ କମଳା ଦଣ୍ଡପାଟ। ସମସ୍ତଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ରବିବାର ସକାଳୁ ଜଙ୍ଗଲରେ ଫୁଟିଥିବା ଛତୁ ସଂଗ୍ରହ କରି ଘରେ ରୋଷେଇ କରି ମଧ୍ୟାହ୍ନରେ ପରିବାର ସଦସ୍ୟ ମାନେ ଖାଇଥିଲେ। କିଛି ସମୟ ପରେ ବାନ୍ତି ହୋଇ ଅସୁସ୍ଥ ହୋଇ ପଡ଼ିଥିଲେ। ପଡ଼ୋଶୀମାନେ ସନ୍ଧ୍ୟାରେ ଏକ ଓଟୋ ଯୋଗେ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସମସ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଚିକିତ୍ସା କରୁଥିବା ଡାକ୍ତର ଗିରୀଶ ଚନ୍ଦ୍ର ଅଧିକାରୀ କହିଛନ୍ତି।

# ରକ୍ତଦାନ କଲେ ଡାକ୍ତର


ରକ୍ତଦାନ କାର୍ଯ୍ୟକ୍ରମରେ ଉପସ୍ଥିତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ।

ବାରିପଦା,୨।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ରକ୍ତ ଭଣ୍ଡାରରେ ଆଇଏମ୍ଏ ମୟୂରଭଞ୍ଜ ଏବଂ ଓମ୍ସା ମୟୂରଭଞ୍ଜ ପକ୍ଷରୁ ଡାକ୍ତର ଦିବସ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ଡାକ୍ତରଙ୍କ ସମେତ ସ୍ୱାସ୍ଥ୍ୟ କର୍ମଚାରୀ ରକ୍ତଦାନ କରିଥିଲେ। ଏହି ରକ୍ତଦାନ ଶିବିରରେ ୬୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ ଦୂର କରିବା ଲକ୍ଷ୍ୟ ନେଇ ଏହି ରକ୍ତଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ଡାକ୍ତରମାନେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମକୁ ପିଆର୍ଏମ୍ ମେଡିକାଲ କଲେଜର ସୁପରିଟେଣ୍ଡେଣ୍ଟ ଡା. ପ୍ରତିଭା ପଣ୍ଡା ଉଦ୍ଘାଟନ କରିଥିବା ବେଳେ ଆଇଏମ୍ଏ ମୟୂରଭଞ୍ଜର ସଭାପତି ଡା. ଶ୍ୟାମସୁନ୍ଦର ଖଣ୍ଡେଲୱାଲ ଓ ସମ୍ପାଦକ ଡା. ବିଶ୍ୱନାଥ ଦାସଙ୍କ ସହ ଡା. କୃଷ୍ଣଚନ୍ଦ୍ର ମହାନ୍ତି, ଡା. ଅଜୟ ନାରାୟଣ ମିଶ୍ର , ଡା. ଜ୍ଞାନେନ୍ଦ୍ର ମହାନ୍ତି, ଡା. ନିରଞ୍ଜନ ରାଉତ, ଡା. ସୁର୍ଯ୍ୟାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ପ୍ରମଥ ନାଥ ଭୂୟାଁ, ତଥା ପାରାମେଡିକାଲ ସଦସ୍ୟ ସୁମତୀ ବେହେରା, ଅଶୋକ ପାଇକରାୟ, ସୁରେନ୍ଦ୍ର ମୁଖୀ ଓ ଗୋପାଳ ମୁଖୀଙ୍କୁ ସମ୍ମାନିତ କରାଯାଇଥିଲା।

# ନିଜସ୍ୱ ଖର୍ଚ୍ଚରେ ୫୬ ପିଲାଙ୍କ ନାମ ଲେଖାଇଲା

## ଶିକ୍ଷାର ବିକାଶ ପାଇଁ 'ନାର୍ଭେରାମ'ର ପ୍ରୟାସ

ଯୋଡ଼ା,୨।୭(ମାନସ ମହାନ୍ତି)


ଅତିଥିମାନେ ନୂତନ ସ୍କୁଲ ବସ୍ର ଶୁଭାରମ୍ଭ କରୁଛନ୍ତି।

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଭଦ୍ରାସାହି ପଞ୍ଚାୟତ ଅନ୍ତର୍ଗତ ତଥା ଯୋଡ଼ା ଖଣି ମଣ୍ଡଳର ଟଣ୍ଟୋ ଗ୍ରାମରେ ଥିବା ନାର୍ଭେରାମ ପାୱାର ଆଣ୍ଡ ଷ୍ଟିଲ କମ୍ପାନୀ ଶିକ୍ଷାର ବିକାଶ ପାଇଁ ପ୍ରୟାସକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ଚଳିତ ଶିକ୍ଷା ବର୍ଷରେ କମ୍ପାନୀ ପକ୍ଷରୁ ଅଞ୍ଚଳର ପ୍ରାୟ ୫୬ ପିଲାଙ୍କୁ ଭଦ୍ରାସାହି ଓ ବଡବିଲ ଅଞ୍ଚଳରେ ଥିବା ବିଭିନ୍ନ ବେସରକାରୀ ବିଦ୍ୟାଳୟମାନଙ୍କରେ ସମସ୍ତ ଖର୍ଚ୍ଚ ବହନ କରି ନାମ ଲେଖାଇଛି। କମ୍ପାନୀ ନିଜସ୍ୱ ଉଦ୍ୟମରେ ମହିଳାମାନଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧମରେ ଶିକ୍ଷା ପ୍ରତି ସଚେତନ ମଧ କରୁଛି। ଫଳରେ ଅନେକ ମହିଳା ନିଜ ପିଲାମାନଙ୍କର ଶିକ୍ଷା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। କମ୍ପାନୀ ଗ୍ରାମ ପିଲାମାନଙ୍କୁ ସ୍କୁଲକୁ ଯିବା ଆସିବା ପାଇଁ ଦୁଇଟି ବସ୍ର ବ୍ୟବସ୍ଥା ମଧ କରିଛି। ଆନୁଷ୍ଠାନିକ ଭାବରେ ଶନିବାର ଏକ ନୂତନ ସ୍କୁଲ ବସ୍କୁ ପିଲାମାନଙ୍କ ପାଇଁ ଲୋକାର୍ପିତ କରାଯାଇଛି। ସମସ୍ତ ଆଧୁନିକ ଓ ନିୟମ ଅନ୍ତର୍ଗତ ସୁରକ୍ଷା ବ୍ୟବସ୍ଥିତ ଏହି ବସ୍ଟି ଭଦ୍ରାସାହି ସରପଞ୍ଚ ପ୍ରମିଳା ନାଏକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ବ୍ୟକ୍ତି ମିତ୍ରଭାନୁ ମହାକୁଡ଼, ଯଦୁମଣି ବାରିକ, ବିପିନ ନାଏକ, ବୀଣା ମୁଣ୍ଡା, ମୀନା ମୁଣ୍ଡା ଓ ଟଣ୍ଟ ଗ୍ରାମର ଅନେକ ଅଧିବାସୀ ଉପସ୍ଥିତ ଥିଲେ। କମ୍ପାନୀର ଉପ ସଭାପତି ସଦାନନ୍ଦ ରଣା କହିଛନ୍ତି, କମ୍ପାନୀର ଏହି କାର୍ଯ୍ୟକ୍ରମ ଦ୍ୱାରା କେବଳ ଶିକ୍ଷାର ବିକାଶ କରୁନାହିଁ। ବରଂ ଏହା ଅଞ୍ଚଳର ସର୍ବପରି ବିକାଶ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରୁଛି ବୋଲି କହିଥିଲେ। ସ୍ଥାନୀୟ ବାସିନ୍ଦା ଅର୍ଜୁନ ସାଣ୍ଡିଲ କହିଛନ୍ତି, ନାର୍ଭେରାମ କମ୍ପାନୀ ଶିକ୍ଷାକୁ ପ୍ରାଥମିକତା ଦେଇ କରୁଥିବା କାର୍ଯ୍ୟକ୍ରମକୁ ଅନ୍ୟ କମ୍ପାନୀମାନେ ଅନୁସରଣ କରି ଶିକ୍ଷାକୁ ବ୍ୟାପକ କରିବାକୁ କହିଥିଲେ। କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ପ୍ରବନ୍ଧକ ଇନ୍ଦୁ ଭୂଷଣ ମିଶ୍ର, ସିଏସ୍ଆର ମୁଖ୍ୟ ପିୟୂଷ ପାଣ୍ଡେ, ଡିଜିଏମ ସରୋଜ ଦେଓ, ବିଜୟ ସାହୁ, ବିବେକାନନ୍ଦ ଜେନା, ପ୍ରଶାନ୍ତ ମହାନ୍ତି, ସୌଭାଗ୍ୟ ବେହେରାଙ୍କ ସମେତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସାପ କାମୁଡ଼ାରେ ଦୃଷ୍ଟିହୀନ ଯୁବତୀ ମୃତ

ଖୁଣ୍ଟା,୨।୭( ଦେବରଞ୍ଜନ ବେହେରା)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଡେଙ୍ଗାମ ଗ୍ରାମରେ ସାପ କାମୁଡ଼ାରେ ଜଣେ ଦୃଷ୍ଟିହୀନ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତକ ଗ୍ରାମର ପାନମଣୀ ମାରାଣ୍ଡି(୩୩)। ତାଙ୍କୁ ଶନିବାର ରାତିରେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ତାଙ୍କ ମାଆ ସୁମିଆ ତାଙ୍କୁ ଗୁରୁତର ଅବସ୍ଥାରେ ଖୁଣ୍ଟା ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ପାନମଣୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନା ପାଇ ପୋଲିସ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ମାମଲା (ନଂ. ୪୨/୨୩) ରୁଜୁ ହୋଇଛି।

# ଚୁନିଦାରେ ବନ ମହୋତ୍ସବ ସପ୍ତାହ ପାଳନ

ଭଦ୍ରକ,୨।୭(ରବିନାରାୟଣ ଖିଲାର)

ଭଦ୍ରକ ବ୍ଲକ ଅଧୀନ କଲେଇ ପଞ୍ଚାୟତସ୍ଥିତ ଚୁନିଦାର କ୍ଷେତ୍ରବାସୀ ପୀଠଠାରେ ରବିବାର ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଛି। ସରପଞ୍ଚ ନିରଞ୍ଜନ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରେଞ୍ଜର ପୀତାମ୍ବର ନାୟକ, ଫରେଷ୍ଟର ପ୍ରକାଶ ଦାସ, ଯୁବନେତା ତାପସ ରାୟ, ଶିକ୍ଷାବିତ୍ ଶେଖର ଚନ୍ଦ୍ର ଜେନା, ମହୋତ୍ସବର ଆବାହକ କୃଷ୍ଣଚନ୍ଦ୍ର ବେହେରା, ମହେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ବୃକ୍ଷ ହିଁ ଜୀବନ। ଗଛ ଲଗାନ୍ତୁ, ଜୀବନ ବଞ୍ଚାନ୍ତୁ। ବୃକ୍ଷ କଟାଯିବା ଦ୍ୱାରା ପରିବେଶ ନଷ୍ଟ ହେଉଛି। ଏଣୁ ଗଛ କାଟିବା ପୂର୍ବରୁ ଚିନ୍ତା କରନ୍ତୁ। ଆବଶ୍ୟକ ସ୍ଥଳେ ଗଛ କାଟିଲେ ତାହା ବଦଳରେ ଚାରାରୋପଣ କରିବାକୁ ସଚେତନତା କରାଯାଇଛି। ଏହି ଅବସରରେ କ୍ଷେତ୍ରବାସୀ ଓ ସନ୍ତୋଷୀ ମା ମନ୍ଦିର ଚତୁଃପାର୍ଶ୍ୱରେ ପ୍ରାୟ ୫୦ଟି ଚାରାରୋପଣ କରାଯାଇଛି।


ବନ ମହୋତ୍ସବରେ ସାମିଲ ହୋଇଥିବା ବିଭାଗ ଅଧିକାରୀ ଓ ଅନ୍ୟମାନେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନାମ ତାଲିକାଭୁକ୍ତ କରିବା ଦାବି

ବାଲେଶ୍ୱର,୨।୭(ମାନସ ବିଶ୍ୱାଳ)


ଜିଲାପାଳଙ୍କ ଅଫିସ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ହିତାଧିକାରୀମାନେ।

ବାଲେଶ୍ୱର ସଦର ବ୍ଲକ ଅଧୀନ ଓଡ଼ଙ୍ଗୀ ପଞ୍ଚାୟତର ବହୁ ଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ବାଦ୍ ପଡ଼ିଥିବା ଏହି ହିତାଧିକାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଚଳିତବର୍ଷ ଓଡ଼ଙ୍ଗୀ ପଞ୍ଚାୟତ ଅଧିବାସୀମାନଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରହିଥିଲା। ହେଲେ କୌଣସି କାରଣବଶତଃ ଫାଇନାଲ ଲିଷ୍ଟରୁ ସେମାନଙ୍କ ନାମ ବାଦ୍ ପଡ଼ିଛି। ଅନ୍ୟପଟେ ସର୍ଭେ କରିବାକୁ ଯାଇଥିବା ସରକାରୀ ଅଧିକାରୀମାନେ ଚଞ୍ଚକତା କରି ସେମାନଙ୍କ ନାମକୁ ଏହି ଲିଷ୍ଟରୁ ବାଦ୍ ଦେଇଛନ୍ତି। ବାଦ ପଡ଼ିଥିବା ଲୋକମାନେ ଦିନ ମଜୁରିଆ ଓ ଗରିବ ଶ୍ରେଣୀରେ ହୋଇଥିବାରୁ ଘର ଖଣ୍ଡିଏ ପାଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ପାଇଁ ଯୋଗ୍ୟ ହିତାଧିକାରୀ ହୋଇଥିଲେ ମଧ ସେମାନଙ୍କୁ ଲିଷ୍ଟରୁ ବାଦ୍ ଦିଆଯାଇଛି। ବିଶେଷ କରି ଏହି ପଞ୍ଚାୟତରେ ୨୫୦ରୁ ଅଧିକ ଯୋଗ୍ୟ ହିତାଧିକାରୀ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪୯ଜଣ ଘର ପାଇଛନ୍ତି। ଅବଶିଷ୍ଟ ୨୦୦ରୁ ଅଧିକ ଲୋକ ଘର ପାଇ ନାହାନ୍ତି। ତଦନ୍ତ ସମୟରେ ସେମାନଙ୍କର ନାମ ସିଲେକସନ ଲିଷ୍ଟରେ ଥିବା ବେଳେ ଫାଇନାଲ ଲିଷ୍ଟରୁ ବାଦ୍ ପଡ଼ିଛି। ଏଣୁ ସେମାନଙ୍କୁ ଫାଇନାଲ ଲିଷ୍ଟରେ ସାମିଲ କରି ଘର ଯୋଗାଇଦେବାକୁ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ବିକ୍ଷୋଭ ପ୍ରଦର୍ଶନ ସମୟରେ ଓଡ଼ଙ୍ଗୀ ପଞ୍ଚାୟତର ପଦ୍ମଲୋଚନ ଦାସ, ସୁକାନ୍ତି ଦାସ, କନକଲତା ରାଉତ, ଖଗେଶ୍ୱର ଦାସ, ଗୀତା ସାମଲ, ରଞ୍ଜିତା ଦାସ, ବାସନ୍ତୀ ସେଠି, ଗୀତା ମହାପାତ୍ର, ନୟନା ମହାଳିକ, ସୁଦାନା ମହାଳିକ, ଲକ୍ଷ୍ମୀମଣି ରାଉତ, ମଧୁସୂଦନ ମହାଳିକ, ମମତା ମହାପାତ୍ର, ମୀତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅଟୋ ଡ୍ରାଇଭରଙ୍କୁ ମାଡ଼ ଅଭିଯୋଗ

ବସ୍ତା,(ହରିଶଙ୍କର ପାଢ଼ୀ): ବାଲେଶ୍ୱର ଜିଲା ବସ୍ତା ଥାନା ଗାନ୍ଧି ଛକଠାରେ ଜଣେ ଅଟୋ ଡ୍ରାଇଭରଙ୍କୁ ଥାନା ଗାଡ଼ି ଡ୍ରାଇଭର ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ତଦନ୍ତ ଜାରି ରଖିଛି। ବାହାର୍ଦା ଅଞ୍ଚଳର ଅଟୋ ଡ୍ରାଇଭର ସେକ ମୀରାଜାନ ଶନିବାର ରାତିରେ ନିଜର ଭଡ଼ା ସାରି ଗାନ୍ଧି ଛକଠାରେ ଛିଡ଼ା ହୋଇଥିଲେ। ଏହି ସମୟରେ ବସ୍ତା ଥାନା ଗାଡ଼ି ଡ୍ରାଇଭର ବିକ୍ରମ କେଶରୀ ମହାଳିକ ତାଙ୍କୁ ଅଶ୍ଲୀଳ ଭାଷାରେ ଗାଳି ଗୁଲଜ କରିବା ସହ ମାଡ଼ ମଧ ମାରିଥିଲେ। ଆହତ ମୀରାଜାନ ନ୍ୟାୟ ପାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଟ୍ରେନ୍ ଧକ୍କାରେ ଯୁବକ ଗୁରୁତର

ରୂପସା,୨।୭(ବାଞ୍ଛାନିଧି ଦେ): ଦକ୍ଷିଣପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ୍ ଅନ୍ତର୍ଗତ ରୂପ୍‌ସା-ବାରିପଦା ରେଳ ଲାଇନ୍‌ର ବାମଡ଼ା ଲକ୍ଷ୍ମୀନାରାୟଣ ନିକଟରେ ଶନିବାର ରାତିରେ ଟ୍ରେନ୍ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ରୂପସା ଥାନା ହୀରାପୁର ଗ୍ରାମର ରବୀନ୍ଦ୍ର ବିଶ୍ୱାଳ। ରବୀନ୍ଦ୍ର ରାତିରେ ଉକ୍ତ ସ୍ଥାନରେ ରେଳ ଧାରଣା ନିକଟରେ ଶୋଇଥିଲେ। ରୂପ୍‌ସାରୁ ବାଙ୍ଗିରିପୋଷି ଯାଉଥିବା ସାଲିମାର ଏକ୍ସପ୍ରେସ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଯୁବକ ଜଣକ ରେଳ ଧାରଣାରେ ଛିଟ୍‌କି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ବାମହାତର ଦୁଇଟି ଆଙ୍ଗୁଳି କଟି ଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ନବ କୁମାର ମଣ୍ଡଳ ସ୍କୁଟି ଯୋଗେ ଆହତ ଯୁବକଙ୍କୁ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଏକାଦଶାହ କ୍ରିୟା ପରେ ହେଲା ଶବ ସତ୍କାର

- ବେଙ୍ଗାଲୁରୁରେ ଓଡ଼ିଆ ଯୁବକଙ୍କୁ ହତ୍ୟା
- ସହଯୋଗ କଲା ନାହିଁ ପ୍ରଶାସନ

ସିମୁଳିଆ,୨।୭(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ କରଞ୍ଜଗଡ଼ିଆ ଅଞ୍ଚଳର ନରେନ୍ଦ୍ର ସୁଆରଙ୍କ ପୁଅ କାହ୍ନୁଆ ଓରଫ ପ୍ରହଲ୍ଲାଦ(୨୫)ଙ୍କୁ ବେଙ୍ଗାଲୁରୁରେ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ମୃତକଙ୍କ ପରିବାର ପକ୍ଷରୁ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ପରେ ମଧ କୌଣସି ସହଯୋଗ ମିଳି ନ ଥିଲା। ତେବେ ତାଙ୍କ ଏକାଦଶାହ କ୍ରିୟା ପରେ ମୃତଦେହ ସତ୍କାର ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ପରିବାର ପ୍ରତିପୋଷଣ ପାଇଁ କାହ୍ନୁଆ ସିମୁଳିଆ ଥାନା ରାଧାକୃଷ୍ଣପୁର ଅଞ୍ଚଳର କାଶୀନାଥଙ୍କ ସହିତ ଯାଇ ବେଙ୍ଗାଲୁରୁର ଟୁମକୁରୁର ଏକ ହୋଟେଲରେ ୧୧ବର୍ଷ ହେଲା କାମ କରିଆସୁଥିଲେ। ତେବେ ଗତ ୯ ତାରିଖରେ କାହ୍ନୁଆଙ୍କର ସେଠାରେ ମୃତ୍ୟୁ ହୋଇଥିବା ସମ୍ପର୍କରେ ଖବରପାଇ ପରିବାର ଲୋକେ ୧୦ତାରିଖରେ ସିମୁଳିଆ ଥାନାରେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ସିମୁଳିଆ ପୋଲିସ ବେଙ୍ଗାଲୁରୁ ଯାଇ ସେଠାରେ ଅଭିଯୋଗ କରିବା ପାଇଁ କହିଥିଲା। ଅପରପକ୍ଷେ ୨ଲକ୍ଷ ଟଙ୍କା ଆଣି ପୁଅର ମୃତଦେହ ନେଇଯିବା ପାଇଁ କାଶୀନାଥ ସୂଚନା ଦେଇଥିଲେ। ମୃତକଙ୍କ ପିତା ଗରିବ ଶ୍ରେଣୀର ହୋଇଥିବାରୁ ବେଙ୍ଗାଲୁରୁ ଯିବା ଓ ୨ଲକ୍ଷ ଟଙ୍କା ଦେଇ ଶବ ଆଣିବା ତାଙ୍କ ପାଇଁ ଅସମ୍ଭବ ବୋଲି କହିଥିଲେ। ୩୦ହଜାର ଟଙ୍କା ଖର୍ଚ୍ଚ କରାଯାଇ କାହ୍ନୁଆଙ୍କ ଶବ ସତ୍କାର କରାଯାଇଥିବା ତାଙ୍କ ପରିବାରକୁ କାଶୀନାଥ ସୂଚନା ଦେଇଥିଲେ। ପରେ ପରିବାର ଲୋକେ ଏକାଦଶାହ କର୍ମ କରିଥିଲେ। ତେବେ ପୁଅ ମୃତ୍ୟୁର ତଦନ୍ତ ପାଇଁ ନରେନ୍ଦ୍ର ଗତ ୧୬ତାରିଖରେ ବାଲେଶ୍ୱର ଏସ୍‌ପି, ଜିଲାପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ ବେଙ୍ଗାଲୁରୁର ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏ ସମ୍ପର୍କରେ ଗତ ୧୮ତାରିଖରେ 'ଧରିତ୍ରୀ'ରେ 'ବେଙ୍ଗାଲୁରରେ ଓଡ଼ିଆ ଯୁବକଙ୍କୁ ହତ୍ୟା, ପ୍ରଶାସନର ସହଯୋଗ ଲୋଡ଼ିଲେ ବାପା' ଶୀର୍ଷକରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶନର ପରଦିନ ସିମୁଳିଆ ଥାନା ଅଧିକାରୀ ଅଜୟ କୁମାର ମୁର୍ମୁ ମୃତକଙ୍କ ପରିବାରଙ୍କୁ ଡାକି ଖବର ବୁଝିବା ସହିତ ଜଣେ ପୋଲିସ ଷ୍ଟାଫ ସହିତ ବେଙ୍ଗାଲୁରୁ ଯିବା ପାଇଁ କହିଥିଲେ। ପରେ ପ୍ରଶାସନ ତାଙ୍କ ଯିବା ଆସିବା ବ୍ୟବସ୍ଥା କରିବ ବୋଲି ସୂଚନା ଦିଆଯିବା ସହିତ କାହ୍ନୁଆଙ୍କ ଶବ ସତ୍କାର କରା ନ ଯାଇ ସେଠାକାର ମେଡିକାଲରେ ରଖାଯାଇଥିବା ସୂଚନା ଦିଆଯାଇଥିଲା। ଅପରପକ୍ଷେ ସେଠାକାର ପୋଲିସ ହଇରାଣ କରିବା ଇତ୍ୟାଦି ବିଭିନ୍ନ ଭୟଭୀତ ସୂଚନା ତାଙ୍କ ପରିବାରକୁ ଦିଆଯାଇଥିଲା। ତେବେ ପ୍ରଶାସନ ପକ୍ଷରୁ କୌଣସି ସହଯୋଗ ନ ମିଳିବାରୁ କାହ୍ନୁଆଙ୍କ ପରିବାର ଲୋକେ ବେଙ୍ଗାଲୁରୁ ଯାଇ ନ ପାରିବାରୁ ସେଠାକାର ପ୍ରଶାସନ ପକ୍ଷରୁ ଗତ ଗୁରୁବାର ତାଙ୍କ ଶବ ସତ୍କାର କରାଯାଇଥିବା ଫଟୋ ତାଙ୍କ ପରିବାର ନିକଟକୁ ପଠାଯାଇଛି। ତେବେ ପୁଅ ମୃତ୍ୟୁର ତଦନ୍ତ ପାଇଁ ନରେନ୍ଦ୍ର ପ୍ରଶାସନର ପୁଣି ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି।

## ବାୟୋଟେକ୍ନୋଲୋଜିରେ ତନୁଶ୍ରୀ ଟପ୍ପର

### ବୈଜ୍ଞାନିକ ହେବା ଲକ୍ଷ୍ୟ

ବାଲେଶ୍ୱର,୨।୭ (ମାନସ ବିଶ୍ୱାଳ)


ତନୁଶ୍ରୀ ପାଣିଗ୍ରାହୀ।

ବାଲେଶ୍ୱର ଜିଲା ଔପଦା ବ୍ଲକ ପ୍ରତାପଡ଼ା ଗ୍ରାମର ତନୁଶ୍ରୀ ପାଣିଗ୍ରାହୀ ଚଳିତ ବିଏସ୍‌ସି ପରୀକ୍ଷାରେ ବାୟୋଟେକ୍ନୋଲୋଜି ସମ୍ମାନ ବିଭାଗରେ ସର୍ବାଧିକ ୯୧.୬୭ ପ୍ରତିଶତ ନମ୍ବର ରଖି ଉତ୍କଳ ବିଶ୍ୱବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ଏହି ବିଭାଗରେ ସେ ଟପ୍ପର ହୋଇ ସମଗ୍ର ଜିଲା ସମେତ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ କାର୍ଯ୍ୟରତ ବାପା ବାସୁଦେବ ପାଣିଗ୍ରାହୀ ଓ ମା' ରାଜେଶ୍ୱରୀ ପାଣିଗ୍ରାହୀଙ୍କର ସେ କନ୍ୟା ଅଟନ୍ତି। ଭୁବନେଶ୍ୱରର ଟ୍ରାଇଡ଼େଣ୍ଟ ଏକାଡ଼େମୀ ଅଫ୍ କ୍ରିଏଟିଭ୍ ଟେକ୍ନୋଲୋଜି ଇନ୍‌ଷ୍ଟିଚ୍ୟୁସନ୍‌ରେ ବାୟୋଟେକ୍ନୋଲୋଜି ସମ୍ମାନରେ ବିଏସ୍‌ସି ଅଧ୍ୟୟନ କରୁଥିଲେ। ଏହି ସଫଳତା ପରେ ସେ ଗୋଲ୍ଡ ମେଡାଲ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ମା', ବାପା, ଓ ଇନ୍‌ଷ୍ଟିଚ୍ୟୁଟ୍‌ର ବିଭାଗୀୟ ମୁଖ୍ୟ ଅଶୋକ କୁମାର ଷଡ଼ଙ୍ଗୀଙ୍କ ସମେତ ସମସ୍ତ ଅଧାପିକା, ଅଧାପକ ଓ ଅଧକ୍ଷଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି। ଭବିଷ୍ୟତରେ ସେ ଜଣେ ବୈଜ୍ଞାନିକ ହେବାର ଲକ୍ଷ୍ୟ ରଖିଥିବା କହିଛନ୍ତି। ନିଜସ୍ୱ ଏକ ଲାବୋରେଟୋରୀ ମାଧ୍ୟମରେ ବିଭିନ୍ନ କ୍ଷେତ୍ର ଓ ହ୍ୟୁମାନ୍ ଫିଜିଓଲୋଜିରେ ଗବେଷଣା କରିବେ ବୋଲି କହିଛନ୍ତି।

## ବେଧଡ଼କ ଚାଲିଛି କୋଇଲା ଚୋରା ଚାଲାଣ

ଭଦ୍ରକ,୨।୭ (ସନାତନ ରାଉତ)

ଭଦ୍ରକ ଜିଲା ଧାମରା ବନ୍ଦର ରେଳପଥରୁ ଚୋରା କୋଇଲା ଚାନ୍ଦବାଲି ବଜାର ଦେଇ ପ୍ରତ୍ୟେକ ଦିନ ପିକ୍‌ଅପ୍ ଭ୍ୟାନ୍‌ରେ ଚାଲାଣ ହେଉଛି। ଅଧିକାଂଶ କୋଇଲା ବୋଝେଇ ଗାଡ଼ି ରାତିରେ ପାର ହେଉଥିବା ବେଳେ ଆଉ କେତେକ ଦିନଦ୍ୱିପହରରେ ମୁଖ୍ୟ ବଜାର ଦେଇ ପାର ହେଉଥିବା ଦେଖିବାକୁ ମିଳୁଛି। ଭୋର ପ୍ରାୟ ୩ଟା ୩୦ରୁ ସକାଳ ୬ଟା ୩୦ ମଧ୍ୟରେ କୋଇଲା ବୋଝେଇ ଗାଡ଼ିଗୁଡ଼ିକ ଚାନ୍ଦବାଲି ବଜାର ଦେଇ ଦ୍ରୁତଗତିରେ ପଡ଼ୋଶୀ ଜିଲା କେନ୍ଦ୍ରାପଡ଼ା ଆଡ଼କୁ ଯାଉଛି। ଚାନ୍ଦବାଲି ଥାନା ସମ୍ମୁଖ ଦେଇ ଏତେ ପରିମାଣରେ କୋଇଲା ଚୋରା ଚାଲାଣ ହେଉଥିଲେ ସୁଦ୍ଧା ପୋଲିସ ଏହାକୁ ରୋକିବାରେ ବିଫଳ ହୋଇଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। କୋଇଲା ମାଫିଆଙ୍କ ବେପରୁଆ ଗାଡ଼ିଚାଳନା ଓ ଦ୍ରୁତଗତି ଯୋଗୁ ଚାନ୍ଦବାଲିବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ସ୍ଥାନୀୟ କେତେଜଣ ଯୁବକ ଓ କୋଇଲା ମାଫିଆଙ୍କ ଅସାଧୁ ମେଣ୍ଟରେ ଏସବୁ ବେଆଇନ କାର୍ଯ୍ୟ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ଚାନ୍ଦବାଲି ବଡ଼ବଜାର ବାସିନ୍ଦା ବିଶ୍ୱନାଥ ସୂତାର କହିଛନ୍ତି, ଦ୍ରୁତଗତିରେ ଗାଡ଼ି ଚାଳନା ଯୋଗୁ ଅଭିଭାବକମାନେ ପିଲାମାନଙ୍କୁ ସ୍କୁଲ ନେବା ପାଇଁ ମଧ ଭୟ କରୁଛନ୍ତି। ପୋଲିସ ପ୍ରଶାସନ ସଜାଗ ରହିବା ସହ ବଜାରରେ ବିଭିନ୍ନ ଜାଗାରେ ହମ୍ପସ ତିଆରି ପାଇଁ ଦାବି କରାଯାଉଛି। ଏନେଇ ଚାନ୍ଦବାଲି ଏସ୍‌ଡିପିଓ ଦେବୀ ଶଙ୍କର ପ୍ରତାପଙ୍କୁ ପଚାରିବାରୁ ରଥଯାତ୍ରା ପାଇଁ ପୋଲିସ କର୍ମଚାରୀମାନେ ବ୍ୟସ୍ତ ଥିଲେ, ଏବେ ରୀତିମତ ରାତ୍ରିକାଳୀନ ପାଟ୍ରୋଲିଂ କରାଯିବ ବୋଲି କହିଛନ୍ତି।

# ନେକ୍ସଟ ପରୀକ୍ଷାକୁ ବିରୋଧ



ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବାରିପଦା,୨।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ରଙ୍ଗାମାଟିଆସ୍ଥିତ ପିଆରଏମ ମେଡିକାଲ କଲେଜ ଓ ମେଡିକାଲ କ୍ୟାମ୍ପସ ୟୁଜି ଶେଷ ବର୍ଷର ଛାତ୍ରୀଛାତ୍ରମାନେ ନେକ୍ସଟ ପରୀକ୍ଷାକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସମୟର ଅଭାବ ପାଇଁ ୨୦୧୯ ବର୍ଷର ଛାତ୍ରୀଛାତ୍ରଙ୍କ ନିମନ୍ତେ ଏହି ପରୀକ୍ଷା ବାତିଲ କରିବାକୁ ଦାବି ହୋଇଛି। ନ୍ୟାସନାଲ କାଉନ୍‌ସିଲ ତରଫରୁ ଗତ ଜୁନ୍ ୨୭ତାରିଖରେ ଏକ ବୈଠକରେ ନେକ୍ସଟ ନାମକ ପରୀକ୍ଷା ଦେବା ପାଇଁ ଡାକ୍ତରୀ ଛାତ୍ରୀଛାତ୍ରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରୀକ୍ଷା ନ ଦେଲେ ଡାକ୍ତର ଭାବେ ପ୍ରାକ୍ଟିସ କରିବାକୁ ସୁଯୋଗ ମିଳିବ ନାହିଁ ବୋଲି ଦର୍ଶାଯାଇଛି। ୟୁଜି ଶେଷ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ଏହି ପରୀକ୍ଷା ଦେବା ପାଇଁ ସମୟର ଅଭାବ ରହିଥିବା କହିଛନ୍ତି। ଫଳରେ ଏହା ତାଙ୍କ କ୍ୟାରିୟରକୁ ପ୍ରଭାବିତ କରିବା ଆଶଙ୍କା ରହିଛି। ଏନେଇ ପରୀକ୍ଷାକୁ ବାତିଲ କରିବା ପାଇଁ ଛାତ୍ରୀଛାତ୍ରମାନେ ପ୍ରତିବାଦ ମାଧ୍ୟମରେ ଦାବି ଉପସ୍ଥାପନା କରିଛନ୍ତି।

## ଏକଲବ୍ୟଙ୍କ ଭଳି ଶିଷ୍ୟ ହେବାକୁ ଚେଷ୍ଟା କର: ବିଧାୟକ

### ଆନନ୍ଦପୁର ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

ଆନନ୍ଦପୁର,୨।୭(ସନ୍ତୋଷ ରାଉତ)

କେନ୍ଦୁଝର ଜିଲା ଆନନ୍ଦପୁର ମହାବିଦ୍ୟାଳୟର ୬୦ତମ ପ୍ରତିଷ୍ଠା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ ଯୋଗଦେଇ ପୁରାଣ କଥାବସ୍ତୁକୁ ଉପସ୍ଥାପନ କରି ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଏକଲବ୍ୟଙ୍କ ଭଳି ଶିଷ୍ୟ ହେବାକୁ ପରାମର୍ଶ ଦେଇଥିଲେ। ହେଲେ ଦ୍ରୋଣାଚାର୍ଯ୍ୟଙ୍କ ଭଳି ଗୁରୁ ହେବାକୁ ମହାବିଦ୍ୟାଳୟର ଅଧାପିକା ଅଧପକମାନଙ୍କୁ ବାରଣ କରିଥିଲେ। ସମ୍ମାନିତ ଅତିଥିଭାବେ ଆନନ୍ଦପୁର ଉପ ଜିଲାପାଳ ଅନୀଲ କୁମାର ସେଠୀ ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ଉତ୍ତମ ନାଗରିକଭାବେ ନିଜର ଜୀବନ ଶୈଳୀକୁ ଗଢ଼ିତୋଳିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ମହାବିଦ୍ୟାଳୟର ପ୍ରାକ୍ତନ ତଥା ପ୍ରଥମ ଅଧକ୍ଷ ନୃସିଂହ ଚରଣ ନନ୍ଦ ଉପସ୍ଥିତ ଥିଲେ। ଅଧାପକ ରଘୁଦୀପ୍ତ ନାୟକ, ମହାବିଦ୍ୟାଳୟର ଅଧକ୍ଷ ଡ. ନାରାୟଣ ମିଶ୍ର ସ୍ୱାଗତ ଅଭିଭାଷଣ ରଖିଥିଲେ। ପ୍ରାକ୍ତନ ଅଧକ୍ଷ ନୃସିଂହ ଚରଣ ନନ୍ଦ ଓ ଦିବଙ୍ଗତ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ସେମାନଙ୍କ ପରିବାରର ଉପସ୍ଥିତ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ରମାକାନ୍ତ ନାୟକ, ପ୍ରଫେସର ନରୋତ୍ତମ ଦାସ, ପ୍ରଫେସର ଗୋପବନ୍ଧୁ ପଣ୍ଡା, ପୂର୍ବତନ ଛାତ୍ର ସଂସଦ ସଭାପତି ଶିକ୍ଷାବିତ୍ ରାମଚନ୍ଦ୍ର ସୁର ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପକ, କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧାପିକା ସଂଘମିତ୍ରା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାରା ବିତରଣ କେନ୍ଦ୍ର ଉଦ୍‌ଘାଟିତ


ବନ ଅଧିକାରୀ ଜଣେ ବ୍ୟକ୍ତିଙ୍କୁ ଚାରା ପ୍ରଦାନ କରୁଛନ୍ତି।

ଚମ୍ପୁଆ,୨।୭(ମହେଶ୍ୱର ଦାସ)

କେନ୍ଦୁଝର ବନଖଣ୍ଡ ସୌଜନ୍ୟରୁ ତଥା ଚମ୍ପୁଆ ବନାଞ୍ଚଳ ପକ୍ଷରୁ ରବିବାର ସ୍ଥାନୀୟ ବସ୍‌ଷ୍ଟାଣ୍ଡ ନିକଟରେ ଚାରା ବିତରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ସବୁଜ ପୃଥିବୀ ସୃଷ୍ଟି ଲକ୍ଷ୍ୟରେ ତଥା ଜନ ସାଧାରଣଙ୍କୁ ସରଳ ପଦ୍ଧତିରେ ବୃକ୍ଷ ଚାରା ଉପଲବ୍ଧ କରାଯିବାକୁ ଥିବା ବେଳେ ଏହି ବିତରଣ କେନ୍ଦ୍ରକୁ ଚମ୍ପୁଆ ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିୟା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଜନ ସାଧାରଣଙ୍କୁ ମାତ୍ର ୧ ଟଙ୍କା ବଦଳରେ ଏହି ଚାରା ପ୍ରଦାନ କରାଯାଉଥିବା ବେଳେ ସରକାରୀ ଅନୁଷ୍ଠାନଙ୍କ ପାଇଁ ଏହା ନିଃଶୁଳ୍କ କରାଯାଇଛି। କେନ୍ଦ୍ରରେ ଅଁଳା, ପିଜୁଳି, ଅର୍ଜୁନ, ଅଶୋକ, ଡାଳିମ୍ବ, ବାହାଡ଼ା, ବର, ବଉଳ, ଭାଲିଆ, ଲିମ୍ବ, କରଞ୍ଜ, ପଣସ, ଚମ୍ପା, ସୁନାରୀ, ହରିଡ଼ା, ଶଳା, ପିଆଶାଳ, ଫାଁଶି, ଅସନ, ଆମ୍ବ, ମହୁଲ, ଜାମୁ ଓ ଶିଶୁ ଗଛ ଆଦି ପ୍ରଦାନ ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମରେ ବନପାଳ କାଳନ୍ଦି ସାମଲ, ବନରକ୍ଷୀ ଶ୍ରାବଣୀ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଆଧାର କାର୍ଡ ମାଧ୍ୟମରେ ଜନ ସାଧାରଣଙ୍କୁ ଚାରା ପ୍ରଦାନ କରିଥିଲେ।

## କୃତୀ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା

ରୂପସା,୨।୭(ବାଞ୍ଛାନିଧି ଦେ)


କୃତୀ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାଲେଶ୍ୱର ସଦର ବ୍ଲକ ସିନ୍ଧିଆ ପଞ୍ଚାୟତ ଅନ୍ତର୍ଗତ ରାଧାମୋହନଜୀଉ ଉଚ୍ଚବିଦ୍ୟାଳୟ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍ ପାଇଥିବା କୃତୀ ଛାତ୍ରୀ ହରପ୍ରିୟା ନାୟକ, ଲୋପାମୁଦ୍ରା ପାଢ଼ୀ, ଛାତ୍ର ଆଦିତ୍ୟ ନାରାୟଣ ସେନାପତିଙ୍କୁ ବିଦ୍ୟାଳୟ ପକ୍ଷରୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି ସଭାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ପତ୍ରୀ ପୌରହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ସରପଞ୍ଚ ବୃନ୍ଦାବତୀ ପ୍ରଧାନ, ସମ୍ମାନିତ ଅତିଥି ପୁରାତନ ଛାତ୍ର ସଂସଦର ସଭାପତି ନନିଗୋପାଳ ଦାଶ ଯୋଗଦେଇ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ଓ ପୁରାତନ ଛାତ୍ର ସଂସଦର ସଦସ୍ୟାସଦସ୍ୟଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ, ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ।

## ୩୦ ହଜାର ଚାରା ବଣ୍ଟନ


ବନ ବିଭାଗ ପକ୍ଷରୁ ଚାରା ବଣ୍ଟନ କରାଯାଉଛି।

ଭୋଗରାଇ,୨।୭ (ପ୍ରଦୀପ ଦାସ)

ବନ ମହୋତ୍ସବ ସପ୍ତାହ ପାଳନ ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଉଦୟପୁର ବନ ବିଭାଗ ପକ୍ଷରୁ ରବିବାରଠାରୁ ଦୁଇଟି ସ୍ଥାନରେ ବିଭିନ୍ନ ଗଛର ଚାରା ବଣ୍ଟନ କରାଯାଇଛି। ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ବନ ବିଭାଗ ପକ୍ଷରୁ ୧୫ ହଜାର ଚାରା ବଣ୍ଟନ କରାଯାଇଥିବା ବେଳେ ଉଦୟପୁର ଡାକ ବଙ୍ଗଳାଠାରେ ୧୫ ହଜାର ଚାରା ବଣ୍ଟନ କରାଯାଇଥିବା ବନ ବିଭାଗ ସୂଚନା ଦେଇଛି। ହରିଡ଼ା, ଅଁଳା, ଆକାଶିଆ, କରଞ୍ଜ, ଶିଶୁ, ମେହଗାନି, ଆତ, ଝାଉଁ, ବଉଳ, ଅଶ୍ୱଥ, ବର, ସଜନା ପ୍ରଭୃତି ଗଛର ଚାରା ଲୋକଙ୍କୁ ଆଧାରକାର୍ଡ ମାଧ୍ୟମରେ ବଣ୍ଟନ କରାଯାଇ ସଚେତନତା କରାଯାଇଛି। ଏହି ଚାରା ବଣ୍ଟନରେ ଜଳେଶ୍ୱର ବନ୍ୟପ୍ରାଣୀ ବନାଞ୍ଚଳର ରେଞ୍ଜର ଜୟଶ୍ରୀ ମୁର୍ମୁ, ଉଦୟପୁର ଫରେଷ୍ଟର ପରମାନନ୍ଦ ନାୟକ, ଫରେଷ୍ଟ ଗାର୍ଡ ସଞ୍ଜୟ ମହାନ୍ତି, ମିନତିମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍‌ସିସି ପ୍ରଶିକ୍ଷଣ ନେଲେ ୬୦୦ କ୍ୟାଡେଟ୍

କେନ୍ଦୁଝର,୨।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଓସ୍‌ଏପି ୨ ବାଟାଲିୟନ, ନରଣପୁର ପରିସରରେ ୧୪ ଓଡ଼ିଶା ବାଟାଲିୟନ ପକ୍ଷରୁ ଆୟୋଜିତ ତୃତୀୟ ପର୍ଯ୍ୟାୟ ୧୦ ଦିନିଆ ଏନ୍‌ସିସି ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କମାଣ୍ଡିଂ ଅଫିସର ଲେଫ୍ଟନାଣ୍ଟ କର୍ଣ୍ଣେଲ ଏମ. ଚନ୍ଦ୍ରଶେଖର ରାଓ ଅଧକ୍ଷତା କରି ଦେଶ ମାତୃକାର ସେବା କରିବା ପାଇଁ ସର୍ବଦା ଆଗଭର ହେବାକୁ କ୍ୟାଡେଟ୍‌ଙ୍କୁ ଉତ୍ସାହିତ କରିଥିଲେ। ଜୁନ୍ ୨୧ରୁ ଆରମ୍ଭ ହୋଇଥିବା ଶିବିରରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ୬୦୦ କ୍ୟାଡେଟ୍ ଯୋଗଦେଇ ଶାରୀରିକ ଶିକ୍ଷା, ଡ୍ରିଲ, ମ୍ୟାପ ରିଡିଂ, ଜାତୀୟ ସଂହତି, ସ୍ୱାସ୍ଥ୍ୟ ସୁରକ୍ଷା, ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପରିଚାଳନା, ଦକ୍ଷତା ବିକାଶ ଓ ଫାୟାରିଂ ସମ୍ପର୍କରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ୧୦ଜଣ ଏଏନଓ ଏବଂ ୯ ଜଣ ପିଆଇ ଷ୍ଟାଫ କ୍ୟାଡେଟମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ କ୍ୟାଡେଟ୍‌ମାନଙ୍କୁ କମାଣ୍ଡିଂ ଅଫିସର ଟ୍ରଫି ଓ ମେଡାଲ ପ୍ରଦାନ କରିଥିଲେ।

## ସୁଲଭ ଚାରା ବଣ୍ଟନ କେନ୍ଦ୍ର ଆରମ୍ଭ

ଯୋଡ଼ା,୨।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବନପାଳ କାର୍ଯ୍ୟାଳୟଠାରେ ରବିବାର ଏକ ସୁଲଭ ଚାରା ବଣ୍ଟନ କେନ୍ଦ୍ର ଆରମ୍ଭ ହୋଇଛି। ଏହାକୁ ଆନୁଷ୍ଠାନିକ ଭାବେ ଯୋଡ଼ା ବନପାଳ ତ୍ରିନାଥ ଜେନା, ଫରେଷ୍ଟ ଗାର୍ଡ ନିଲମ ମହାନ୍ତ, ଜୁରୁଡ଼ି ଫରେଷ୍ଟ ଗାର୍ଡ ମୋନାଲିସା ସାହୁ, ହାତୀ ସ୍କ୍ୱାର୍ଡ କର୍ମଚାରୀ ଗୋପାଳ ନାଏକ, ଗଣେଶ୍ୱର ମୁଣ୍ଡା ଉପସ୍ଥିତ ରହି ଚାରାବଣ୍ଟନ କରିଥିଲେ। ଏଠାରେ ମାତ୍ର ଏକ ଟଙ୍କାରେ ଗୋଟିଏ ଚାରା ପ୍ରଦାନ କରାଯିବ। ବୃକ୍ଷ ରୋପଣ କରିବା ପାଇଁ ବନ ବିଭାଗ ପକ୍ଷରୁ ବର୍ଷା ଋତୁ ଆରମ୍ଭରୁ ଚାରା ବିତରଣ କରାଯିବା ସହିତ ଏ ନେଇ ସଚେତନତା ଆରମ୍ଭ କରାଯାଇଛି। ଏନେଇ ଜିଲାରେ ଥିବା ବନ ବିଭାଗର ନର୍ସରୀ ଗୁଡ଼ିକରେ କୋଡ଼ିଏ ଲକ୍ଷ ଚାରା ଉତ୍ପାଦନ କରାଯାଇଥିବା ଯୋଡ଼ା ବନପାଳ ତ୍ରିନାଥ ଜେନା ସୂଚନା ଦେଇଛନ୍ତି। ପରିବେଶବିତ୍ ନିରଞ୍ଜନ ଜେନା କହିଛନ୍ତି, ଜଙ୍ଗଲ ଧ୍ୱଂସ ଯୋଗୁ ଜଳବାୟୁ ପରିବର୍ତ୍ତନ ଘଟୁଛି। ଏହାକୁ ରୋକିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ଘର ନିକଟରେ ବୃକ୍ଷ ରୋପଣ କରିବା ଜରୁରୀ ବୋଲି ସେ କହିଥିଲେ।


କେନ୍ଦ୍ରରେ ଚାରା ବଣ୍ଟନ କରାଯାଉଛି।

# 'ଯୋଗ୍ୟ ସାମିଲ ନ ହେଲେ କୋର୍ଟ ଯିବୁ'

### ବାୟାଙ୍ଗଡିହି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ କେଲେଙ୍କାରୀ ନେଇ ଭାଜପାର ଚେତାବନୀ

ଧାମନଗର,୨।୭(ଦେବେନ୍ଦ୍ର ଆନ୍ଧିଆ)



ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

ଭଦ୍ରକ ଜିଲା ଧାମନଗର ବ୍ଲକର ବୟାଙ୍ଗଡିହି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ନେଇ ରବିବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ କରି ଭାଜପା ବର୍ଷିଛି। ପ୍ରଶାସନିକ ଚଞ୍ଚକତାକୁ ଦାୟୀ କରି ସାଧାରଣ ଲୋକଙ୍କୁ ନ୍ୟାୟ ଦେବା ପାଇଁ କୋର୍ଟ ଦ୍ୱାରସ୍ଥ ହେବ ବୋଲି ମଧ ଚେତାବନୀ ଦେଇଛି। ବୟାଙ୍ଗଡିହି ପଞ୍ଚାୟତ ମେଳଣ ମଣ୍ଡପଠାରେ ଭାଜପା ଧାମନଗର ଗ୍ରାମୀଣ ମଣ୍ଡଳ ସଭାପତି ଆଇନଜୀବୀ ଦୀପ୍ତି ରଞ୍ଜନ ଜେନାଙ୍କ ପୌରୋହିତ୍ୟରେ ଆହୂତ ଖବରଦାତା ସମ୍ମିଳନୀରେ ଦଳ ପକ୍ଷରୁ ଅଭିଯୋଗ ହୋଇଛି ଯେ, ଗତ ଜାନୁଆରୀରେ ସରକାରଙ୍କ ପକ୍ଷରୁ ଏହି ପଞ୍ଚାୟତ ପାଇଁ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ତାଲିକା ପ୍ରକାଶ ପାଇଥିଲା। ଏଥିରେ ମୋଟ ୧୬୮ ହିତାଧିକାରୀଙ୍କ ନାମ ରହିଥିଲା। ପରେ ବ୍ଲକ କର୍ତ୍ତୃପକ୍ଷଙ୍କ ଦ୍ୱାରା କନିଷ୍ଠ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଜିଆର୍‌ଏସ୍‌ଙ୍କୁ ନେଇ ଗଠିତ ତିନିଜଣିଆ ଟିମ୍ କରିଥିବା ତଦନ୍ତରେ ଅଯୋଗ୍ୟ ଦର୍ଶାଇ ଉକ୍ତ ତାଲିକାରୁ ୬୧ ଜଣଙ୍କୁ ବାଦ୍ ଦିଆଯାଇଥିଲା। ଏହି ତଥ୍ୟ ସୂଚନା ଅଧିକାର ଆଇନ ଦ୍ୱାରା ଦିଆଯାଉଥିବା ବେଳେ ସମୁଦାୟ ୧୦୭ ଜଣ ଯୋଗ୍ୟ ହିତାଧିକାରୀ ରହିଥିଲେ। ବର୍ତ୍ତମାନ ଯେଉଁ ତାଲିକା ପ୍ରକାଶ ପାଇଛି, ସେଥିରେ ବ୍ୟାପକ ଚଞ୍ଚକତା ହୋଇଥିବା ଦଳ ଅଭିଯୋଗ କରି କେମିତି ଓ କେଉଁ ନିୟମ ଆଧାରରେ ୧୦୭ ଜାଗାରେ ୧୫୦ ଜଣଙ୍କୁ ସାମିଲ କରାଯାଇ ସେମାନଙ୍କୁ ଅନୁଦାନ ଅର୍ଥ ପୈଠ ପାଇଁ ଯୋଜନା ହୋଇଛି ବୋଲି ଭାଜପା ପ୍ରଶ୍ନ କରିଛି।

ସେହିପରି ଏସିସି ଲିଷ୍ଟ ନିୟମ ବହିର୍ଭୂତ ଗୋଟିଏ ପରିବାରରୁ ଦୁଇଜଣ ହିତାଧିକାରୀଙ୍କୁ ଚୟନ କରିବାଠାରୁ ବୃହତ୍ କୋଠାଘର ଥିବା ଲୋକଙ୍କୁ ଅନୁକମ୍ପା ଦେଖାଇ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏଥିସହ ସରକାରୀ ଚାକିରି କରିଥିବା ବ୍ୟକ୍ତିଙ୍କ ନାମରେ ଆବାସ ମଞ୍ଜୁର ହୋଇଥିବା ବେଳେ ଜଣକ ଆଧାର ନମ୍ବର ବ୍ୟବହାର କରି ଆଉ ଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ ସହ ତାଙ୍କ ଖାତାକୁ ପ୍ରଥମ କିସ୍ତିର ଅର୍ଥ ପୈଠ ହେବା ଘଟଣା ଦୁର୍ନୀତି ସ୍ପଷ୍ଟ ଦର୍ଶାଉଛି। ଗରିବ ଯୋଗ୍ୟ ହିତାଧିକାରୀମାନଙ୍କୁ ଏହି ଯୋଜନାରେ ତୁରନ୍ତ ସାମିଲ କରା ନ ଗଲେ ଆଗାମୀ ଦିନରେ ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ। ଆବାସ କେଲେଙ୍କାରୀ ନେଇ ଆବଶ୍ୟକ ପଡ଼ିଲେ ନ୍ୟାୟଳୟ ଦ୍ୱାରସ୍ଥ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି। ମଣ୍ଡଳ ସାଧାରଣ ସମ୍ପାଦକ ଶ୍ରୀକାନ୍ତ ନାୟକ, ଶକ୍ତିକେନ୍ଦ୍ର ପ୍ରମୁଖ ବିଷ୍ଣୁ ଚରଣ ମହାନ୍ତି, ଯୁବନେତା ଅନନ୍ତ ପ୍ରସାଦ ବେହେରା, ସୁବ୍ରତ ମଲ୍ଲିକ, ଆଶିଷ ନାୟକ, ରାଜେନ୍ଦ୍ର ବେହେରା, ଦେବାଶିଷ ସାହୁ, ଲିୟାକତ ସାହା ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

